visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.171 Bhubaneswar Saturday, August 21, 2021 | ୨୪ତମ ବର୍ଷ ସଂଖ୍ୟା-୧୭୧ ଭୁବନେଶ୍ୱର ଶନିବାର, ଅଗଷ୍ଟ ୨୧, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS



ଉପରାଷ୍ଟ୍ରପତି ଏମ. ଭେଙ୍କୟା ନାଇଡୁ ଏବଂ ଉଷା ନାଇଡୁ କର୍ଣ୍ଣାଟକର ହୋସାପେଟେରେ ଥିବା ତୁଙ୍ଗଭଦ୍ର ଡ୍ୟାମକୁ ପରିଦର୍ଶନ କରୁଛନ୍ତି

## ଭାରତରେ ଛୋଟ ପିଲାଙ୍କ ପାଇଁ ଆସିଗଲା ପ୍ରଥମ କରୋନା ଟିକା

ନୂଆଦିଲ୍ଲୀ: ୨୦।୮(ପି.ଏନ): ମହାମାରୀ କରୋନା ସଂକ୍ରମଣର ତୃତୀୟ ଲହର ପୂର୍ବରୁ ଖୁସି ଖବର ସାମ୍ନାକୁ ଆସିଛି। ଭାରତରେ ଜାୟଡସ କାଡିଲା ପ୍ରସ୍ତୁତ କରିଥିବା ଟ୍ରିପଲ ଡୋଜ୍ ? କରୋନା ଟିକା ଜାଇକୋଭ-ଡିକୁ ଜରୁରିକାଳୀନ ବ୍ୟବହାର ପାଇଁ ଅନୁମତି ମିଳିଛି। ଡିସିଜିଆଇ ପକ୍ଷରୁ ଶୁକ୍ରବାର କମ୍ପାନୀକୁ ଟିକାର ବ୍ୟବହାର ଭାରତରେ କରିବାକୁ ଗ୍ରୀନ ସିଗ୍ନାଲ ଦିଆଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହି ଟିକାକୁ ପ୍ରାପ୍ତ ବୟସ୍କଙ୍କ ସହ ୧୨ ବର୍ଷ କିମ୍ବା ତା'ଠାରୁ ଅଧିକ ବର୍ଷର ପିଲାମାନେ ବି ନେଇପାରିବେ। ଏହାର ଅର୍ଥ ଭାରତରେ ୧୮ ବର୍ଷରୁ କମ ବୟସ୍କ ପିଲାଙ୍କ ପାଇଁ ଜାଇକୋଭ-ଡି ପ୍ରଥମ କରୋନା ଟିକା। ସେହିପରି ବିଶ୍ୱର ପ୍ରଥମ ଡିଏନ୍ ?ଏ ଭିତ୍ତିକ କରୋନା ଟିକା ହେଉଛି





ଜାଇକୋଭ-ଡି। ଏହା ସଂପୂର୍ଣ୍ଣ ଭାବେ ଭାରତୀୟ ଜ୍ଞାନକୌଶଳରେ ତିଆରି କରାଯାଇଛି।କମ୍ପାନୀ ବର୍ଷକୁ ୧୦୦ରୁ ୩୦୦ ମିଲିୟନ ଡୋଜ୍ ?ର ଜାଇକୋଭ-ଡି ଉତ୍ପାଦନ କରିବ। କାଡିଲା ହେଲ୍ଥ କେୟାର ଲିଃ ପକ୍ଷରୁ ଟିକାର ଜରୁରିକାଳୀନ ବ୍ୟବହାର ପାଇଁ ଆବେଦନ କରାଯାଇଥିଲା। ଏହା କରୋନା ବିରୋଧରେ ପ୍ରାଥମିକ ସ୍ତରରେ ୬୬.୬% ଫଳପ୍ରଦ ବୋଲି ଜଣାପଡିଛି।ଭାରତ ସରକାରଙ୍କ 'ମିଶନ କୋଭିଡ ସୁରକ୍ଷା' ଅଧୀନରେ ଜାୟଡସ କାଡିଲା ସହ ମିଶି ବାୟୋଟେକ୍ନୋଲଜି ବିଭାଗ ଏହି ଟିକାକୁ ପ୍ରସ୍ତୁତ କରିଛି। ଡିସିଜିଆଇ ପକ୍ଷରୁ କୁହାଯାଇଛି ଯେ ଜାଇକୋଭ-ଡି ବିଶ୍ୱର ପ୍ରଥମ ଓ ସ୍ୱଦେଶୀ ଜ୍ଞାନକୌଶଳରେ ତିଆରି ହୋଇଥିବା ଡିଏନଏ ଭିତ୍ତିକ କୋଭିଡ-୧୯ ଟିକା। ଏହାକୁ ୧୨ ବର୍ଷ ବୟସ୍କ ଛୋଟ ପିଲା କିମ୍ବା ତା'ରୁ ଅଧିକ ବୟସ୍କ ଓ ପ୍ରାପ୍ତ ବୟସ୍କଙ୍କୁ ଦିଆଯାଇ ପାରିବ।ବାୟୋଟେକ୍ନୋଲଜି ବିଭାଗର ସଚିବ ରେଣୁ ସ୍ୱରୂପ କହିଛନ୍ତି, ସ୍ୱଦେଶୀ ଜ୍ଞାନକୌଶଳରେ ଟିକା ନିର୍ମାଣ ପାଇଁ ଚାଲିଥିବା ମିଶନରେ ଏହା ଏକ ଐତିହାସିକ ପଦକ୍ଷେପ। ଏହା ବିଶ୍ୱ ଟିକା ମାନଚିତ୍ରରେ ଭାରତକୁ ସ୍ୱତନ୍ତ୍ର ପରିଚୟ ଦେବ। ଏହା ଦେଶରେ ଗେମ ଚେଞ୍ଜର ସାବ୍ୟସ୍ତ ହେବ ବୋଲି ସେ କହିଛନ୍ତି।

## ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଆଦର୍ଶରେ ଅନୁପ୍ରାଣିତ ମୋଦି ସରକାର:ଧର୍ମେନ୍ଦ୍ର ପ୍ରଧାନ

ଆଠଗଡ଼, ୨୦।୮(ପି.ଏନ): ଶହେ ବର୍ଷ ପୂର୍ବ ପୁରୀର ସତ୍ୟବାଦୀ ଠାରେ ବକୁଳ ବନ ବିଦ୍ୟାଳୟ ପ୍ରତିଷ୍ଠା କରି ଛାତ୍ରଛାତ୍ରୀ ମାନଙ୍କୁ ମୌଳିକ ଭାଷାରେ ଶିକ୍ଷା ସହ ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରିବାର ଯେଉଁ ନୀତି ପଣ୍ଡିତ ଗୋପବନ୍ଧୁ ଦାସ ଆପଣାଇଥିଲେ ସେହି ନୀତିକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାତୀୟ ଶିକ୍ଷା ନୀତିରେ ପ୍ରଣୟନ କରିଛନ୍ତି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେହିପରି ଗୋପବନ୍ଧୁଙ୍କ 'ନର ସେବା ହିଁ ନାରାୟଣ ସେବା' ଆଦର୍ଶରେ ଅନୁପ୍ରାଣିତ ହୋଇ ମୋଦି ସରକାର ସ୍ଲୋଗାନରେ ନୁହେଁ ଦାୟିତ୍ୱକୁ ପୂରା କରିବାରେ ବିଶ୍ୱାସ କରନ୍ତି ବୋଲି ସେ କହିଛନ୍ତି ।କଟକ ଆଠଗଡ଼ ସ୍ଥିତ ଗୋପବନ୍ଧୁ ଆୟୁର୍ବିଜ୍ଞାନ ଏବଂ ଗବେଷଣା ପ୍ରତିଷ୍ଠାନ(ଜିମସାର)ରେ ଏମଆରଆଇ ଏବଂ ସିଟି ସ୍କାନ ସୁବିଧାର ଲୋକାର୍ପଣ ଅବସରରେ ଶ୍ରୀ ପ୍ରଧାନ ଏହା କହିଛନ୍ତି। ସେ କହିଛନ୍ତି ଯେ ଆଠଗଡ଼ ଉପଖଣ୍ଡର ମାଧପୁର ଠାରେ ଥିବା ଏହି ଜିମସାରରେ ଏମଆରଆଇ ଏବଂ ସିଟି ସ୍କାନ ଉପଲବ୍ଧି ନେଇ ସ୍ଥାନୀୟ ଲୋକମାନଙ୍କର ଦୀର୍ଘ ଦିନର ଦାବୀ ରହିଥିଲା। ଏହା ପରେ ବିପିସିଏଲ ସାମାଜିକ ଉତରଦାୟିତ୍ୱ ଅଧୀନରେ ୬.୬୦ କୋଟି ଟଙ୍କା ବ୍ୟୟରେ ଏଠାରେ ଏମଆରଆଇ ଏବଂ ସିଟି ସ୍କାନ ମେସିନ କାର୍ଯ୍ୟକ୍ଷମ କରାଯାଇଛି। କରୋନା ମହାମାରୀ ସମୟରେ ସିଟି ସ୍କାନ୍ ମେସିନ କାର୍ଯ୍ୟକ୍ଷମ ହେବାଫଳରେ ବହୁ ରୋଗୀ ଉପକୃତ ହୋଇ ପାରିଛନ୍ତି। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ 'ନର ସେବା ହିଁ ନାରାୟଣ ସେବା' ଆଦର୍ଶରେ ଗରିବ ଓ ଅସହାୟ ଲୋକଙ୍କୁ କମ ମୂଲ୍ୟରେ ଚିକିତ୍ସା ସେବା ଯୋଗାଇ ଦେବାର ଲକ୍ଷ୍ୟ ନେଇ ଜିମସାର ସ୍ଥାପନ କରାଯାଇଥିଲା । ଉତ୍କଳମଣି ଗୋପବନ୍ଧୁଙ୍କ ଇଚ୍ଛା ଏବଂ ଅଭିଳାଷକୁ ସାକାର କରିବା ପାଇଁ



"ସମାଜ" ଓ "ଲୋକ ସେବକ ମଣ୍ଡଳ" ଦ୍ୱାରା ଉଚ୍ଚକୋଟୀର ସେବାମୂଳକ ଚିକିତ୍ସା ଓ ଆୟୁର୍ବିଜ୍ଞାନ ଶିକ୍ଷା ପାଇଁ ଏହି ପ୍ରତିଷ୍ଠାନ ସ୍ଥାପନା କରି ପଣ୍ଡିତ ଗୋପବନ୍ଧୁଙ୍କ 'ସେବା'ର ପରମ୍ପରାକୁ ଆଗକୁ ନେଉଅଛି। ଉତ୍କଳମଣି ଗୋପବନ୍ଧୁଙ୍କ ଆଦର୍ଶରେ "ଅନୁପ୍ରାଣିତ ଏହି ଅନୁଷ୍ଠାନ ଆହୁରି ପ୍ରଗତି କରିବ ଓ ଆସନ୍ତା ଦିନ ମାନଙ୍କରେ ଏହା ଏକ ମେଡ଼ିକାଲ କଲେଜର ରୂପ ନେବ ବୋଲି ସେ କହିଛନ୍ତି। ପଣ୍ଡିତ ଗୋପବନ୍ଧୁ କେବଳ ଓଡ଼ିଶାରେ ରଚନାତ୍ମକ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ବରଂ ଉନ୍ନବିଂଶ ଶତାବ୍ଦୀର ପ୍ରାରମ୍ଭରେ ସତ୍ୟବାଦୀର ବକୁଳ ବନ ବିଦ୍ୟାଳୟ ଓ ସମାଜ ଭଳି ଦୁଇଟି ବଟବୃକ୍ଷ ସଦୃଶର କଳ୍ପନା କରିଥିଲେ। ବନ୍ୟା, ବାତ୍ୟା, ମରୁଡ଼ି ତଥା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସେବା କରିବାର ଅନନ୍ୟ ପରମ୍ପରାର ନାମ ସମାଜ। ସ୍ୱାଧୀନତୋର ଭାରତରେ ସାମାଜିକ ମୂଲ୍ୟବୋଧକୁ ଜାଗ୍ରତ କରିବା ଏବଂ ଓଡିଆ ଭାଷା ଏବଂ ସାହିତ୍ୟକୁ ଋଦ୍ଧିମନ୍ତ କରିବାରେ ସମାଜର ଭୂମିକା ଅତୁଳନୀୟ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

## ଗୋଟିଏ ଦିନରେ ୯୮୬ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୦।୮(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୯୮୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୯୯୧୭୩ ବୃଦ୍ଧି ପାଇଛି। ୧୮ ବର୍ଷରୁ କମ ୧୨୮ ଜଣ ସଂକ୍ରମିତ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୯୮୨୩୧୯ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ସଂଖ୍ୟା ୯୫୭୮ ରହିଛି। ଆଜି ଚିହ୍ନଟ ହୋଇଥିବା ୯୮୬ ଜଣଙ୍କ ମଧ୍ୟରୁ ୫୭୪ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୧୨ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୭ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୩୭୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିଭଳି ଅନୁଗୋଳ ଜିଲ୍ଲାରୁ ୨୪, ବାଲେଶ୍ୱରରୁ ୨୫, ବରଗଡ଼ରୁ ୧, ଭଦ୍ରକ୍ ରୁ ୧୪, ବଲାଙ୍ଗୀରରୁ ୧୭ ଜଣ ସଂକ୍ରମିତ ହୋଇଥିବା ବେଳେ , ବୌଦ୍ଧରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ସେହିପରି କଟକରୁ ୧୩୯, ଦେବଗଡରୁ ୯, ଢେଙ୍କାନାଳରୁ ୧୫, ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତିଜିଲ୍ଲାରୁ ୧, ଗଞ୍ଜାମରୁ ୮ ଜଗତସିଂହପୁରରୁ ୪୫, ଯାଜପୁରରୁ ୪୯, ଝାରସୁଗୁଡାରୁ ୧ କଳାହାଣ୍ଡିରୁ ୬, କନ୍ଧମାଳରୁ ୧୨, କେନ୍ଦ୍ରାପଡ଼ାରୁ ୨୩, କେନ୍ଦୁଝରରୁ ୧୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଖୋର୍ଧା ଜିଲ୍ଲାରୁ ୩୭୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କୋରାପୁଟରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

### ରାୟଗଡାରେ ଜନ ଆଶୀର୍ବାଦ ଯାତ୍ରାରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

ଭୁବନେଶ୍ୱର, ୨୦।୮(ପି.ଏନ): କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରାୟଗଡାରେ ଜନ ଆଶୀର୍ବାଦ ଯାତ୍ରାରେ ପହଂଚିଛନ୍ତି । ସେ ସେଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବା ସହିତ ନୂଆ ରାୟଗଡା ରେଳ ଡିଭିଜନର ସ୍ଥାନ ବୁଲି ଦେଖିବା ସହ ଡିଭିଜନାଲ ବିଲଡିଂ ପ୍ଲାନର ସମୀକ୍ଷା କରିଛନ୍ତି । ଟ୍ରେନରେ ରାୟଗଡା ପହଂଚିଥିବା ଶ୍ରୀ ବୈଷ୍ଣବ ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧା ସୁମନ ଜ୍ଞାପନ କରିଥିଲେ । ରାୟଗଡା ଠାରେ ଜନ ଆଶୀର୍ବାଦ ଯାତ୍ରା ଅବସରରେ ସ୍ଥାନୀୟ ନାଗରିକ ମଂଚ, ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ଉତ୍ସଦିତ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ସେ ଏହି ଅବସରରେ କହିଥିଲେ ଯେ ଏବେ ଘରେ ଘରେ ଗାଁ ମାନଙ୍କରେ ଯୋଗାଯୋଗ ବ୍ୟବସ୍ଥା କିପରି ପହଂଚି ପାରିବ ସେଥି ପ୍ରତି ବିଶେଷ ଧ୍ୟାନ ଦିଆଯାଉଅଛି ଓ ରାୟଗଡା ଠାରେ ରେଳ ମଣ୍ଡଳ ଓ ରେଳ ଯୋଗାଯୋଗ ବୃଦ୍ଧି କରିବାକୁ ସମୀକ୍ଷା କରିବି ।

## ପୂର୍ବତନ ପ୍ରାଧାନ୍ତମନ୍ତ୍ରୀ ଭାରତରତ୍ନ ରାଜୀବ ଗାନ୍ଧୀଙ୍କ ୭୭ତମ ଜନ୍ମ ଜୟନ୍ତି ପାଳିତ





ଭୁବନେଶ୍ୱର,୨୦।୮(ପି.ଏନ): ଓଡ଼ିଶା ରାଜୀବ ଗାନ୍ଧୀ ଛାତ୍ର ଫୋରମ, ନୟାଗଡ଼ ଜିଲ୍ଲା ଯୁବ କଂଗ୍ରେସ ଓ ପ୍ରଦେଶ ଛାତ୍ର କଂଗ୍ରେସ ମିଳିତ ଆନୁକୁଲ୍ୟରେ ରଣପୁରସ୍ଥିତ ରଘୁଦିବାକର ସ୍ମୃତି ମଣ୍ଡପ ଠାରେ ଆଜି ସକାଳେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ରାଜୀବ ଗାନ୍ଧୀଙ୍କର ୭୭ ତମ ଜନ୍ମ ଜୟନ୍ତି ଉତ୍ସବ ଓ ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀଙ୍କୁ ଫଳ ବଂଟନ କାର୍ଯ୍ୟକ୍ରମ ଓଡ଼ିଶା ରାଜୀବ ଗାନ୍ଧୀ ଛାତ୍ର ଫୋରମ୍ ରାଜ୍ୟ ସଭାପତି ସତ୍ୟବ୍ରତ ନାୟକ ଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲା କଂଗ୍ରେସ କମିଟିର ସଭାପତି ରଞ୍ଜିତ୍ ଦାସ, କିଷାନ ସେଲ୍ ସଭାପତି ଧ୍ରୁବ ଚରଣ ପରିଡ଼ା, ନୟାଗଡ଼ ଜିଲ୍ଲା ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି ମିର୍ ଅବୁବେକର ସିଦ୍ଦିକ୍, ପ୍ରତୀକ୍ ମହାପାତ୍ର, ଦିଲ୍ଲୀପ କୁମାର ଜେନା, ଶତ୍ରୁଘ୍ନ ପାଇକରାୟ, ବାଳକୃଷ୍ଣ ସଡ଼ଙ୍ଗି, ଅକ୍ଷୟ କୁମାର ମଲ୍ଲ, ପ୍ରକାଶ ଚନ୍ଦ୍ର ନାୟକ, ସଞ୍ଜୟ ଦାସ, ଅନିଲ୍ ଛୁଆଳସିଂ, ସଞ୍ଜୟ ମହାନ୍ତି,ବାଦଲ ପ୍ରଧାନ, ଦେବାଶିଷ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ତାରିଣୀ ପ୍ରସାଦ ରାୟ, ବାସୁଦେବ ପ୍ରକଧାନ, ସାଇ ଗାୟତ୍ରୀ ନାୟକ, ଶୁଭସ୍ମିତା ନାୟକ, କୁସୁମ ଛୋଟରାୟ ପ୍ରମୁଖ ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସ କର୍ମକର୍ତାମାନେ ଯୋଗ ଦେଇ ରାଜୀବ ଗାନ୍ଧୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଏବଂ ଅପରାହ୍ନରେ ରଣପୁରସ୍ଥିତ ମହାବୀର ମନ୍ଦୀର ନିକଟସ୍ଥ ପଡ଼ିଆରେ ବୃକ୍ଷରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଅଗଷ୍ଟ ୨୦ ରୁ ଆରମ୍ଭ ହୋଇ ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଓ ନୟାଗଡ଼ ଜିଲ୍ଲାରେ ଆୟୋଜନ କରାଯିବ ବୋଲି ଓଡ଼ିଶା ରାଜୀବ ଗାନ୍ଧୀ ଛାତ୍ର ଫୋରମ ସଭାପତି ସତ୍ୟବ୍ରତ ନାୟକ ଘୋଷଣା କରିଥିଲେ। ଉପସ୍ଥିତ ନେତୃମଣ୍ଡଳି ଯୁବକ, ଛାତ୍ର ସାମ୍ପ୍ରଦାୟିକ ଶକ୍ତି ବିରୋଧିରେ ଭାରତ ବର୍ଷର ଅଖଣ୍ଡତା ରକ୍ଷା କରିବା ପାଇଁ ସଂକଳ୍ପ ବଦ୍ଧ ହେବା ପାଇଁ ଆହ୍ୱନ କରିଥିଲେ।

## ମାଲକାନଗିରିରେ ସ୍ମାର୍ଟ ହେଲ୍ଥ କାର୍ଡ ବଂଟନର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୦।୮(ପି.ଏନ): ମୋ ପାଇଁ ପ୍ରତିଟି ଜୀବନ ମୂଲ୍ୟବାନ । ମୁଁ ଚାହେଁ ସମସ୍ତେ ସୁସ୍ଥ ରୁହନ୍ତୁ । ଚିକିତ୍ସା ପାଇଁ ଟଙ୍କା କେବେ ବି ବାଧକ ନ ହେଉ। ଆଜି ମାଲକାନଗିରି ରେ ସ୍ମାର୍ଟ ହେଲଥ କାର୍ଡ ବଂଟନ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ।ବଣ୍ଡା ଜନଜାତି ମହିଳା ଶୁକ୍ରୀ ଧାଙ୍ଗଡା ମାଝୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ର ପ୍ରଥମ ସ୍ମାର୍ଟ ହେଲ୍ଥ କାର୍ଡ ପ୍ରଦାନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ମାଲକାନଗିରି ରୁ ସ୍ୱାସ୍ଥ୍ୟ ସେବାର ଏହି ଐତିହାସିକ ଯାତ୍ରା ଆରମ୍ଭ କରିଛନ୍ତି ।ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମୋ ପାଇଁ ପ୍ରତିଟି ଜୀବନ ମୂଲ୍ୟବାନ। ସେ ଚାଷୀ ହେଉ ବା ମୂଲିଆ, ଛୋଟ ଦୋକାନୀ ହେଉ, ବା ରିକ୍ସା ବାଲା, ଟ୍ରଲି ବାଲା କିମ୍ବା ଦୂର ଦୂରାନ୍ତରେ ରହୁଥିବା ଜନଜାତି ଭାଇ ଭଉଣୀ, ବା ସାଧାରଣ ଲୋକ, ସେ ଗାଁ ରେ ରହୁ ବା ସହରରେ, ସମସ୍ତଙ୍କ ଜୀବନ ମୋ ପାଇଁ ମୂଲ୍ୟବାନ । ମୁଁ ଚାହେଁ ସମସ୍ତେ ସୁସ୍ଥ ରୁହନ୍ତୁ । ଚିକିତ୍ସା ପାଇଁ ଟଙ୍କା କେବେ ବାଧକ ନ ହେଉ। ସମସ୍ତେ ସୁସ୍ଥ ରହି ନିଜ ପରିବାରର ଉନ୍ନତି ପାଇଁ କାମ କରନ୍ତୁ । ପ୍ରତି ପରିବାରର ଉନ୍ନତି ରେ ହିଁ ରାଜ୍ୟର ଉନ୍ନତି ବୋଲି ସେ କହିଥିଲେ ।ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମହିଳା ମାନଙ୍କ ପାଇଁ ଚିକିତ୍ସା ଖର୍ଚ୍ଚ ୧୦ ଲକ୍ଷ ଟଙ୍କାକୁ କିପରି ବୃଦ୍ଧି ହେଲା ସେ ସଂପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ "୨୦୧୮ ମସିହାରେ ମାଲକାନଗିରି ପାଇଁ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଚାଲିଥିଲା । ମୁଁ ଲୋକସେବା ଭବନରୁ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲି । ସେ ସଭାରେ ଝିଅଟିଏ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମା ମାନଙ୍କ ପାଇଁ ଚିକିତ୍ସା ଖର୍ଚ୍ଚ ବୃଦ୍ଧି କରିବା ପାଇଁ ପ୍ରସ୍ତାବ ଦେଲା । ଝିଅ ଟିର ସାହସ ଓ ବୁଦ୍ଧିକୁ ସମସ୍ତେ ସେ ଦିନ ତାରିଫ କରିଥିଲେ । ଝିଅଟି ଥିଲା ଆମ ମାଲକାନଗିରିର ମମତା ପଡିଆମୀ । ତାଙ୍କ ପ୍ରସ୍ତାବଟି ମୋତେ ବହୁତ ଭଲ ଲାଗି ଥିଲା ଏବଂ ମୁଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମହିଳା ମାନଙ୍କ ଚିକିତ୍ସା ସୁବିଧା ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ପାଇଁ ନିଷ୍ପତି ନେଇଥିଲି ।"ମୁଖ୍ୟମନ୍ତ୍ରୀ ପୁଣି କହିଲେ ଯେ ଆଜି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ଆମେ ନୂଆ ରୂପରେ କାର୍ଯ୍ୟକାରୀ କରିବାକୁ ଯାଉଛୁ । ଏହି କାର୍ଯ୍ୟକ୍ରମ ମୁଁ ମାଲକାନଗିରିରୁ ଆରମ୍ଭ କରିବା ପାଇଁ ନିଷ୍ପତି ନେଲି। ଆଗାମୀ ସେପଟେମ୍ବର ପହିଲାରୁ ଏହା ଲାଗୁ ହେବ । ରାଜ୍ୟର ୯୬ ଲକ୍ଷ ପରିବାରକୁ ଏହି କାର୍ଡ ଦିଆଯିବ ବୋଲି ପ୍ରକାଶ କରି ସେ କହିଲେ ଯେ ରାଜ୍ୟର ସାଢେ ତିନି କୋଟି ଲୋକ ଉପକାର ପାଇବେ। ଏହି ନୂଆ ବ୍ୟବସ୍ଥାରେ ଆପଣଙ୍କୁ ହସ୍ପିଟାଲରେ କିଛି ଡକ୍ୟୁମେଂଟ ଦେବା ଦରକାର ହେବ ନାହିଁ ବୋଲି ସେ କହିଥିଲେ। କେବଳ ଏହି ସ୍ମାର୍ଟ ହେଲ୍ଥ କାର୍ଡ ସାଥିରେ ନେଇ ହସପିଟାଲ ଯିବାକୁ ହେବ। ଦେଶର ୨୦୦ରୁ ଅଧିକ ବଡ ବଡ ହସ୍ପିଟାଲରେ ଏହି କାର୍ଡ ଜରିଆରେ ହିତାଧିକାରୀମାନେ ଚିକିତ୍ସା ସୁବିଧା ପାଇପାରିବେ । ଏହି କାର୍ଡରେ ପରିବାର ପାଇଁ ୫ ଲକ୍ଷ ଟଙ୍କା ଓ ମା ମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ମିଳିବ । ଏଭଳି ସୁବିଧା ଦେବା ରେ ସାରା ଦେଶରେ ଓଡିଶା ପ୍ରଥମ ।ଆପଣଙ୍କ ରାଜ୍ୟ ସରକାର ପ୍ରଥମ । ଦେଶର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏହା ଏକ ଐତିହାସିକ ପଦକ୍ଷେପ ବୋଲି ସେ କହିଥିଲେ। ସ୍ୱାସ୍ଥ୍ୟ ସହିତ ଅର୍ଥନୀତିର ନିବିଡ ସଂପର୍କ ବିଷୟରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ସ୍ୱାସ୍ଥ୍ୟ ଆମ ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ । ସ୍ୱାସ୍ଥ୍ୟ ହିଁ ସମ୍ପଦ ବୋଲି କୁହାଯାଏ । ତେଣୁ ପରିବାରରେ କେହି ଅସୁସ୍ଥ ହୋଇପଡିଲେ, ଆମର ଚିନ୍ତା ବଢିଯାଇଥାଏ । ସବଠୁ ବଡ ଚିନ୍ତା ଥାଏ ଚିକିତ୍ସା ପାଇଁ ଆବଶ୍ୟକ ଟଙ୍କା । ଏଥିପାଇଁ କିଏ ଜମି ବିକିଥାଏ, କିଏ ସୁନା ବିକିଥାଏ, କିଏ ଋଣ କରିଥାଏ। କେହି କେହି ଚିକିତ୍ସା ଖର୍ଚ୍ଚ ପାଇଁ ପିଲାମାନଙ୍କ ପାଠପଢା ମଧ୍ୟ ବନ୍ଦ କରିଦେଇଥାନ୍ତି । କେହି କେହି ମଧ୍ୟ ଧାର କରଜ କରିଥାନ୍ତି । " ଏ ଖବର ମୁଁ ଯେତେବେଳେ ଶୁଣେ, ମୋତେ ବହୁତ ଦୁଃଖ ଲାଗେ। ଆମର ଏହି ସ୍ମାର୍ଟ ହେଲ୍ଥ କାର୍ଡ ଆପଣଙ୍କର ଏ ଦୁଃଖ ଲାଘବ କରିବ। ଚିକିତ୍ସା ବୋଝ କମ୍ କରିବାରେ ସାହାଯ୍ୟ କରିବ । ଆପଣଙ୍କ ଚିକିତ୍ସା ପାଇଁ ରାଜ୍ୟ ସରକାର ଖର୍ଚ୍ଚ କରୁଛନ୍ତି। ତେଣୁ ଏ ବାବଦ ଟଙ୍କାକୁ ଆପଣ ସଞ୍ଚୟ କରିପାରିବେ। ନିଜ ପିଲାଙ୍କ ପାଠପଢା ପାଇଁ, ପରିବାରର ଉନ୍ନତି ପାଇଁ ଖର୍ଚ୍ଚ କରିପାରିବେ ।" ରାଜ୍ୟର ସବୁ ସରକାରୀ ହସ୍ପିଟାଲ ଗୁଡିକରେ ସମସ୍ତ ସ୍ୱାସ୍ଥ୍ୟ ସେବା ମାଗଣାରେ ପ୍ରଦାନ କରାଯାଉଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଠାରୁ ଆରମ୍ଭ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ସବୁ ସରକାରୀ ହସ୍ପିଟାଲରେ ଓଡିଶାବାସୀଙ୍କର ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଛନ୍ତି। ଆମର ସରକାରୀ ହସ୍ପିଟାଲରେ ଡ଼ାଇଲିସିସ୍ ଠାରୁ ଆରମ୍ଭ କରି କେମୋ ଥେରାପୀ, ସିଟି ସ୍କାନ, ଏମଆରଆଇ ବିଭିନ୍ନ ପାଥୋଲୋଜୀ ଟେଷ୍ଟ ସୁବିଧା ମିଳୁଛି। ମୁଁ ବହୁତ ଖୁସି ଯେ ଆମର ଲକ୍ଷ ଲକ୍ଷ ରୋଗୀ ସରକାରୀ ହସ୍ପିଟାଲରେ ଏ ସୁବିଧା ନେଉଛନ୍ତି । ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ନବ ଦାସ ଓଡ଼ିଶାରେ ସ୍ୱାସ୍ଥ୍ୟ ସେବା ବିକାଶ ଉପରେ ଆଲୋକପାତ କରିଥିଲେ ।ସେ କହିଥିଲେ ଯେ ପ୍ରାକୃତିକ ବିପର୍ଯ୍ୟୟ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ସେବା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଆମ ମୁଖ୍ୟମନ୍ତ୍ରୀ ସାରା ଦେଶରେ ଆଦର୍ଶ ହୋଇଛନ୍ତି । ଏମ୍ ପି ଶ୍ରୀ ରମେଶ ମାଝି ସ୍ୱାଗତ ଭାଷଣ ଦେଇ ଥିଲେ ।

MAHARISHI PUBLIC SCHOOL



2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada










# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ (୧୮୩୫-୧୯୦୪)

❖ ନାସା ପ୍ରଥମ ସକ୍ରିୟ ସାଟେଲାଇଟ୍ ରିଲେ-୧କୁ ମହାଆକଶକୁ ପଠାଇଥିଲା (୧୯୬୨)

❖ ଭାରତୀୟ ସଂସଦ ଭବନରେ ଆତଙ୍କବାଦୀଙ୍କ ଆକ୍ରମଣ, ଆତଙ୍କବାଦୀ ସମେତ ୧୨ ମୃତ (୨୦୦୧)

❖ ଭାରତୀୟ ଅର୍ଥଶାସ୍ତ୍ର ବିଶାରଦ ସଂଜୟ ଲାଲଙ୍କ ଜନ୍ମ (୧୯୪୦-୨୦୦୫)

❖ ଭାରତୀୟ ଅଭିନେତ୍ରୀ ତଥା ଗୀତିକାର ସ୍ୱସ୍ତିକା ମୁଖାର୍ଜୀଙ୍କ ଜନ୍ମ (୧୯୮୦)

❖ ଭାରତୀୟ ବିଜ୍ଞାନ ଓ ପ୍ରଦ୍ୟୋଗିକ ମନ୍ତ୍ରୀ ହର୍ଷ ବର୍ଦ୍ଧନଙ୍କ ଜନ୍ମ (୧୯୫୪)

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ। ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ସାନିଟେସନ୍ ଚାମ୍ପିଆନ୍ ମୌଦ୍ରିତା

ଜାମସେଦପୁର ଯେଉଁ ବୟସରେ ଶିଶୁମାନେ ନିଜ ପକେଟ ମନିକୁ ଆଇସ୍‌କ୍ରିମ୍, ଭଲ ପୋଷାକ, ମନ ପସନ୍ଦର ଖେଳଣା କିଣିବାରେ ଖର୍ଚ୍ଚ କରନ୍ତି ସେହି ବୟସରେ ଯଦି ଜଣେ ଶିଶୁ ନିଜ ସଞ୍ଚିତ ଅର୍ଥକୁ ଶୌଚାଳୟ ତିଆରି ବାବଦରେ ଖର୍ଚ୍ଚ କରେ ତେବେ ନିଶ୍ଚିତ ଏହି ପଦକ୍ଷେପକୁ ପ୍ରଶଂସା କରିବେ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଜାମସେଦପୁରରେ। ହିଲ୍‌ଟପ୍ ସ୍କୁଲରେ ୬ଷ୍ଠ ଶ୍ରେଣୀରେ ପଢୁଥିବା ମୌଦ୍ରିତା ଚାଟାର୍ଜୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱଚ୍ଛତା ଅଭିଯାନରେ ପ୍ରେରିତ ହୋଇ ଶୌଚାଳୟ ନିର୍ମାଣ ପାଇଁ ନିଜ ସଂଚିତ ଅର୍ଥ ପ୍ରଦାନ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ନିଜ ଅର୍ଥରେ ଦୁଇଟି ଶୌଚାଳୟ ନିର୍ମାଣ କରିସାରିଲେଣି। ମୌଦ୍ରିତାଙ୍କ ଏହି ଉଦ୍ୟମକୁ ସମସ୍ତେ ପ୍ରଶଂସା କରିବା ସହ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ରଘୁବର ଦାସ ମଧ୍ୟ ମୌଦ୍ରିତାଙ୍କୁ ସମ୍ମାନୀତ କରିଛନ୍ତି। ତାଙ୍କୁ ସାନିଟେସନ୍ ଚମ୍ପିଆନ୍ ଆଖ୍ୟା ପ୍ରଦାନ କରାଯାଇଛି। ମୌଦ୍ରିତା କହିଛନ୍ତି ଯେ ଆଗାମୀ ଦିନରେ ମଧ୍ୟ ମୁଁ ମୋର ସଂଚିତ ଅର୍ଥକୁ ସ୍ୱଚ୍ଛତା ଅଭିଯାନ ବାବଦରେ ଖର୍ଚ୍ଚ କରିବି।

# ପୁରାଣ କାହାଣୀ

## ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ। ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ୍ୟ କୁହାଯାଏ। ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ। ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ। ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ। ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ। ନାରୀମାନେ ଏହି ବ୍ରତ ମାଧମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା। ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି। ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ। ଚିତା ଓ ମୁରୁଜ ତା' ଉପରେ ପକାଯାଏ। ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ। ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା। ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ। ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ। ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ୍ୟ ବଢ଼ାଯାଏ। ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ। ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ।

## ପଠାଣି ସାମନ୍ତ

ଆଜିର ଦିନରେ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି। ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ। ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ। ପରେ ଖଣ୍ଡପଡା ନିକଟସ୍ଥ ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ। ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର। ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ।



ବିଚିତ୍ରବର୍ଣ୍ଣା ବ୍ରହ୍ମଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ। ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ। ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ। ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ। ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ। ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ। ପଠାଣୀ ସାମନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ। ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା। ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ)। ଏହି ଗ୍ରନ୍ଥର ମୋଔଟ ଶ୍ଳୋକ ସଂଖ୍ୟା ୨୫୦୦। ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୂଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି। ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ।

# ଆଜିର ଭାଗ୍ୟ



**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।



**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।



**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।



**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।



**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।



**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।



**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।



**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।



**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।



**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।



**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।



**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଲିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି। କାଗଜରେ ନିର୍ଦ୍ଦେଶ ବି ଆସୁଛି। ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ। ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି। ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା। କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା। ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା। ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା। ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ। ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ। ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ। ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ। ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ। ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ। ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ। ବ୍ୟବହାର ଅନୁପୋଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ। ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ। କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି। ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି। ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇଞ୍ଜିନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରୀଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି। ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି। ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି। ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି। କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି। ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି। ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ। ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ। ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି। ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି। ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି।






# ଶବରୀ ନାରାୟଣ ଛତିଶଗଡ଼ର ପାବନ ପୁରୀଧାମ





ଭାରତ ହେଉଛି ପୃଥିବୀର ଏକ ପ୍ରାଚୀନ ସଭ୍ୟତା ଓ ସଂସ୍କୃତିର ଦେଶ । ମୁନିଋଷିମାନେ ଏ ଦେଶର ଧର୍ମ, ସଂସ୍କୃତି ତଥା ଦର୍ଶନକୁ ଦିଗ୍‌ଦର୍ଶନ ଦେଇଛନ୍ତି । ଭାରତରେ ଯଦିଓ ଅନେକ ଧାର୍ମିକ ଦିଗ୍‌ଦର୍ଶନ ଦେଇଛନ୍ତି । ଭାରତରେ ଯଦିଓ ଅନେକ ଧାର୍ମିକ ସ୍ଥଳ ଅଛି ତଥାପି ଚାରୋଟି ଧାର୍ମିକ ସ୍ଥଳକୁ ଶ୍ରେଷ୍ଠ ମାନ୍ୟତା ମିଳିଛି । ତା'ମଧ୍ୟରୁ ପାବନ ପୁରୀ ଧାମ ଅନ୍ୟତମ। ଯାହାର ଆରାଧ୍ୟ ହେଉଛନ୍ତି ଦାରୁବ୍ରହ୍ମ ଜଗନ୍ନାଥ । ଠିକ୍ ସେହିପରି ଭାରତବର୍ଷରେ ଛତିଶଗଡ଼ ରାଜ୍ୟରେ ଥିବା ବିଳାଶପୁର ସହରରୁ ୬୪ କି.ମି. ଦୂରରେ ପରମ ପାବନ "ଶବରୀ ନାରାୟଣ ଧାମ"କୁ ପୁରୀର ମାନ୍ୟତା ମିଳିଛି । ସେଠାରେ ତ୍ରେତୟା ଯୁଗରେ ମହାପ୍ରଭୁ ଶ୍ରୀରାମଙ୍କୁ ଅନେକ ଦିନ ଧରି ଅପେକ୍ଷାରତ ଥିବା ଶବରୀ ନିଜେ କୋଳି ଖୁଆଇଦେବାର କିମ୍ବଦନ୍ତୀ ଆଜି ମଧ୍ୟ ଜନମାନସରେ ପ୍ରତିଧ୍ୱନିତ ହେଉଛି । ବିଭିନ୍ନ ଐତିହାସିକ ବିବରଣୀ ଅନୁସାରେ ସମ୍ଭବତ ୧୯୨୭ ମସିହାରେ ମହନ୍ତ ଅର୍ଜୁନ ଦାସଙ୍କ ପ୍ରେରଣାରେ ଭଟ୍ଟଗାଁର ଜମିଦାର ରାଜସିଂହ ଜଗନ୍ନାଥ ମନ୍ଦିରର ମୂଳଦୁଆ ପକାଇଥିଲେ। ମାତ୍ର ତାଙ୍କର ପରମ ଭକ୍ତ ପୁତ୍ର ଚନ୍ଦନ ସିଂହ ପିତାଙ୍କ ଅଧୁରା ଇଚ୍ଛାକୁ ପୁରଣ କରି ସେହି ମନ୍ଦିରରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ମୂର୍ତ୍ତିର ସ୍ଥାପନା କରାଇଥିଲେ । ସୁପ୍ରସିଦ୍ଧ ସାହିତ୍ୟିକ ଏବଂ ତତ୍କାଳିନ ଶବରୀ ନାରାୟଣ ତହସିଲର ତହସିଲଦାର ଠାକୁର ଜଗମୋହନ ସିଂହ ତାଙ୍କର ପୁସ୍ତକ "ପ୍ରଳୟ"ରେ ଉଲ୍ଲେଖ କରିଛନ୍ତି ଯେ ମହାନଯୋଗୀ ଶ୍ରୀ ଗୌତମ ଦାସଙ୍କର ସୁନ୍ଦର ବଗିଚା କୌଣସି ସମୟରେ ଏକ ଉଚ୍ଚ ପାହାଡ଼ ଥିଲା । ତାଙ୍କ କଥାନୁସାରେ ରଥଯାତ୍ରା ପରେ ମହାପ୍ରଭୁ ଜଗନ୍ନାଥ ବଳଭଦ୍ର ଓ ମାତା ସୁଭଦ୍ରା ଏହି ସ୍ଥାନରେ ୭ ଦିନ ବିଶ୍ରାମ କରିଥିଲେ। ତେଣୁ ଏଠାର ଲୋକେ ଏହାକୁ ଜନକପୁର ମଧ୍ୟ ଆଖ୍ୟା ଦେଇଛନ୍ତି । ଆହୁରି ମଧ୍ୟ ମାଖନ ସାବଙ୍କର କନିଷ୍ଠ ଅନୁଜ ସୋଭାରାମଙ୍କର ପୌତ୍ର ପରାଧିଯା ସାବ ଜଗନ୍ନାଥ ପୁରୀର ରଥଯାତ୍ରା ପରେ "ଶବରୀ ନାରାୟଣ"ରେ ପଣ୍ଡିତ ଧର୍ମାନନ୍ଦ ଦ୍ୱିବେଦୀଙ୍କ ଘରେ ତିନି ମୂର୍ତ୍ତି ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ସ୍ଥାପିତ କରିଥିଲେ ଯାହାକି ଏବେ ମଧ୍ୟ ପୁଜା ପାଉଛନ୍ତି । ଏବଂ ପୂର୍ବକାଳରେ ସେହି ମୂର୍ତ୍ତିମାନଙ୍କୁ ନେଇ ଶବରୀ ନାରାୟଣରେ ରଥଯାତ୍ରା ସମ୍ପନ୍ନ ହେଉଥିଲା । ମାତ୍ର ଶବରୀନାରାୟଣ ମଠ ପ୍ରତିଷ୍ଠା ତଥା ମନ୍ଦିର ପ୍ରତିଷ୍ଠା ପରଠାରୁ ଦୁଇ ଯାଗାରୁ ରଥଯାତ୍ରା ଏକ ସଙ୍ଗରେ ହେଉଥିଲା। ମାତ୍ର କାଳକ୍ରମେ କେବଳ ଶବରୀ ନାରାୟଣରେ ପ୍ରତିଷ୍ଠିତ ବିଗ୍ରହଙ୍କୁ ନେଇ ଅଦ୍ୟାବଧି ରଥଯାତ୍ରା ଅନୁଷ୍ଠିତ ହେଉଅଛି । ରଥଯାତ୍ରା ଏହି ଛତିଶଗଡ଼ କ୍ଷେତ୍ର ତଥା ବିଳାଶପୁରର ଏକ ପ୍ରମୁଖ ଯାତ୍ରା କହିଲେ ଅତ୍ୟୁକ୍ତି ହେବନାହିଁ । ପ୍ରାଚୀନ କାଳରୁ ଏହି ରଥାଯାତ୍ରାର ଆୟୋଜନ ଶବରୀ ନାରାୟଣର ମଠ ଆଜି ସୁଦ୍ଧା ପାଳନ କରିଆସୁଅଛି। ପ୍ରାପ୍ତ ସୂଚନା ଅନୁସାରେ ମହନ୍ତ ଗୌତମ ଦାସ ଏହି ରଥଯାତ୍ରାର ଶୁଭାରମ୍ଭ କରିଥିଲା ବେଳେ ମହନ୍ତ ଲାଲ ଦାସ ଏହାକୁ ସୁଚାରୁରୂପେ ପରିଚାଳନା କରୁଥିଲେ। ଏହି ରଥଯାତ୍ରା ସମୟରେ ଏଠାର ମୁକ୍ତିଆର କୈଳାଶ ପ୍ରସାଦ ତିୱାରୀ ଲୋକମାନଙ୍କ ହୃଦୟରେ ଭଗବତ ଭାବନା ଜାଗ୍ରତ ଉଦ୍ଦେଶ୍ୟରେ ରାମଲୀଳା, ରାସଲୀଳା ବିଭିନ୍ନ ଧାର୍ମିକ ନାଟକ ଅନୁଷ୍ଠିତ କରି ଆଜି ମଧ୍ୟ ଲୋକମାନଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛନ୍ତି । ଠିକ୍ ପୁରୀ ରଥଯାତ୍ରା ପରି ଏଠାରେ ମଧ୍ୟ ପ୍ରତିବର୍ଷ ରଥ ତିଆରି ହେଉଥିଲା ମାତ୍ର ସମୟାନୁକ୍ରମେ ଏହି ପ୍ରକ୍ରିୟାକୁ ବନ୍ଦ କରାଯାଇ ଏକ ଲୌହ ନିର୍ମିତ ରଥରେ ଆଜି ମଧ୍ୟ ରଥଯାତ୍ରା ହେଉଅଛି। ଏହି କ୍ଷେତ୍ରର ଲକ୍ଷାଧିକ ଭକ୍ତ ଏହି ଯାତ୍ରାରେ ସାମିଲ ହୋଇ ପ୍ରଭୁଙ୍କର ରଥ ଦଉଡ଼ିକୁ ଟାଣିଥାନ୍ତି ଏବଂ ରଥକୁ ବିଭିନ୍ନ ସ୍ଥାନରେ ଅଟକାଇ ଭକ୍ତମାନେ ପୂଜା ପାଠ ନୈବେଦ୍ୟ ସମର୍ପଣ କରିଥାନ୍ତି। ପ୍ରସାଦ ଭାବେ ଏଠାରେ ଲିଆ, ଗଜାମୁଗ ଓ ନଡ଼ିଆ ଭୋଗ ହୋଇଥାଏ । ଏହି ରଥଯାତ୍ରା ଦିନଟିକୁ ସମ୍ପୂର୍ଣ୍ଣ ଛତିଶଗଡ଼ରେ ପରମ ପବିତ୍ର ଦିନ ରୂପେ ପାଳନ କରାଯାଏ । ଏହି ଦିନରେ ନୂତନ ଗୃହ ପ୍ରତିଷ୍ଠା, ଦୋକାନ, କାରବାରର ଶୁଭାରମ୍ଭ ହୋଇଥାଏ । ଏହି ଦିନଟିରେ ଘରକୁ ଦୂରରେ ରହୁଥିବା ବନ୍ଧୁ, ବାନ୍ଧବଙ୍କର ଏକତ୍ରିକରଣ ହୋଇ ଆନନ୍ଦ ମହୋତ୍ସବ ଲାଗିଥାଏ । ପିଲାଙ୍କଠୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ନୂତନ ବସ୍ତ୍ର ପରିଧାନ କରନ୍ତି । ଆଜି ମଧ୍ୟ ଏଠାକାର ଲୋକ ମୁଖରେ ଛତିଶଗଡ଼ର ପରମ ପାବନ ଶବରୀନାରାୟଣ ଧାମ ଜଗନ୍ନାଥ ପୁରୀ ଧାମ ଭାବେ ପ୍ରସିଦ୍ଧିଲାଭ କରିଛି । ସେହିପରି ଏଠାରୁ ଅଳ୍ପ ବ୍ୟବଧାନରେ ରାଜିମ୍ ସ୍ଥାନରେ ସାକ୍ଷୀଗୋପାଳ ବିରାଜମାନ କରିଛନ୍ତି । ଶବରୀନାରାୟଣଙ୍କ ଦର୍ଶନ ପରେ ଯିଏ ସାକ୍ଷୀଗୋପାଳଙ୍କୁ ଦର୍ଶନ ନକରେ ତାର ଯାତ୍ରା ବ୍ୟର୍ଥ ହୋଇଥାଏ ବୋଲି କଥିତ ଅଛି । ତେଣୁ ଏଠାର ପ୍ରାଚୀନ କବି ବଟୁ ସିଂହ ଶବରୀ ନାରାୟଣ ମହାତ୍ମ୍ୟରେ ଲେଖିଛନ୍ତି । *"ମାସ ଆଷାଢ଼ ରଥ ଦୁତୀୟା/ରଥକେ କିୟା ବୟାନ/ଦର୍ଶନ ରଥକୋ ଯୋ କରେ/ପାବେ ପଦନିର୍ବାଣ।"* ଅର୍ଥାତ, "ଆଷାଢ଼ ମାସର ଦ୍ୱିତୀୟ ତିଥିରେ ରଥରେ ବେଶ ବାମନ, ଦର୍ଶନ ମାତ୍ରକେ ପାପନାଶ ହୋଇ ମିଳଇ ପଦ ନିର୍ବାଣ" । ଯେପରି ଆମର ସଂସ୍କୃତ ବ୍ୟାଖ୍ୟାକାରମାନେ ଲେଖିଛନ୍ତି-"ଦୋଳେଚ ଦୋଳ ଗୋବିନ୍ଦ/ଚାପେଚ ମଧୁସୂଦନ/ରଥେତୁ ବାମନମ୍ ଦୃଷ୍ଟ୍ୱା/ପୁନର୍ଜନ୍ମ ନବିଦ୍ୟତେ।" ଦୋଳରେ ଦୋଳଗୋବିନ୍ଦ, କୃଷ୍ଣ ଚାପରେ ଥିବ ମଧୁସୂଦନ ରଥରେ ଜଗନ୍ନାଥଙ୍କ ବାମନବେଶ ଦର୍ଶନରେ ଆଉ ପୁନର୍ଜନ୍ମ ନଥାଏ। ସେଇଥିପାଇଁ ଜଗନ୍ନାଥ ହେଲେ ଜଗତର ନାଥ ଏବଂ ତାଙ୍କ ରଥଯାତ୍ରା ପ୍ରତିଷ୍ଠା କରିଥାଏ ଅଖଣ୍ଡ ଭାରତରେ ବିଶ୍ୱମୈତ୍ରୀ ଓ ପ୍ରୀତିର ମହନୀୟତା । ତେଣୁ ଶବରୀନାରାୟଣ କ୍ଷେତ୍ର ଯଦିଓ ବିଶ୍ୱ ମୈତ୍ରୀର କ୍ଷେତ୍ର ନ ହୋଇପାରେ ମାତ୍ର ତଥାପି ଜନମାନସରେ ପ୍ରେମ ଓ ବିଶ୍ୱାସର ଫଲଗୁ ଧାରା ପ୍ରବାହିତ କରିଥାଏ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ବିଶ୍ୱରେ କୋଣେ ଅନୁକୋଣେ ଗୁଞ୍ଜରିତ ହୁଏ । ଶେଷରେ ଏତିକି କହିବି ଏ ଯାତ୍ରା ସମଗ୍ର ମାନବ ସମାଜରୁ ବ୍ରାହ୍ମଣ ଚଣ୍ଡାଳର ଦୁର୍ଭେଦ୍ୟ ପ୍ରାଚୀର, ଉଚ୍ଚନୀଚର ବୈଶମ୍ୟ ଲୋପ କରିବା ପାଇଁ ଆମେ ସମସ୍ତେ ଏକାକାର ହୋଇ ଜଗନ୍ନାଥଙ୍କର ସେବକ ପାଲଟି ଯାଇଥାଉ ଏବଂ ଯେଉଁଠାରେ ଗଢ଼ିଉଠେ ମାନବବାଦର ମାନବ ପ୍ରୀତିର ମହାନ ସେତୁ। ...କିମଧିକମ୍।

**ଉମାଶଙ୍କର ପ୍ରସାଦ**, ଭଗତ୍ ଲେନ୍, ମେନ୍ ରୋଡ୍, ଖୋର୍ଦ୍ଧା।

# ଯାଜପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଉତ୍କଳ ଦିବସ ପାଳନ

ଯାଜପୁର (ପିଏନ୍): ଯାଜପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସଭାପତି ମନୋଜ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ୮୫ ତମ ପବିତ୍ର ଉତ୍କଳ ଦିବସ ପାଳିତ ହୋଇଯାଇଛି। ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବଂଧୁ ଦାଶ, ମହାରାଜ କୃଷ୍ଣ ଭଞ୍ଜଦେଓ, ବ୍ୟାସକବି ଫକୀର ମୋହନ ସେନାପତି, କବିବର ରାଧାନାଥ ରାୟ, ସ୍ୱଭାବ କବି ଗଙ୍ଗାଧର ମେହେର, ପଲ୍ଲୀକବି ନନ୍ଦକିଶୋର ବଳ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ଯାଜପୁରର ବ୍ରଜମୋହନ ଦାସ, ବିଚିତ୍ରାନନ୍ଦ ଦାସ ପ୍ରମୁଖ ଓଡ଼ିଶାର ବରପୁତ୍ରମାନଙ୍କର ଅକ୍ଳାନ୍ତ ଉଦ୍ୟମ ଓ ଗଭୀର ନିଷ୍ଠା ଯୋଗୁଁ ବ୍ରିଟିଶ ଶାସନାଧିନ ଓଡ଼ିଶା ୧୯୩୬ ମସିହା ଏପ୍ରିଲ ୧ ତାରିଖ ଦିନ ଭାଷାଭିତ୍ତିକ ଓଡ଼ିଶା ପ୍ରଦେଶ ଭାବରେ ଜନ୍ମ ନେଇଥିଲା। ସେହି ବରପୁତ୍ରମାନେ ଆଜି ମଧ୍ୟ ପ୍ରତ୍ୟେକ ଓଡ଼ିଶାବାସୀଙ୍କର ଚିରନମସ୍ୟ ଓ ପ୍ରାତଃ ସ୍ମରଣୀୟ ହୋଇ ରହିବା ଉଚିତ ବୋଲି ଉପସ୍ଥିତ ସଭ୍ୟମାନେ ବକ୍ତବ୍ୟ ରଖିଥିଲେ। ଉତ୍କଳର ସେହି ବରପୁତ୍ର ମାନଙ୍କ ଫଟୋରେ ମାଲ୍ୟାର୍ପଣ କରାଯିବା ସହିତ ବନ୍ଦେ ଉତ୍କଳଜନନୀ ସଂଗୀତ ଗାନ କରାଯାଇଥିଲା। ଓଡ଼ିଆ ଭାଷାରେ ସରକାରୀ ସ୍ତରରେ ସମସ୍ତ ଚିଠିପତ୍ର ଆଦାନ ପ୍ରଦାନ ହେବା ସହ କୋର୍ଟ କଚେରୀ ଓଡ଼ିଆରେ ସମସ୍ତ ଆଇନ ଲିପିବଦ୍ଧ ହେବା ପାଇଁ କଂଗ୍ରେସ ତରଫରୁ ଦାବୀ କରାଯିବ ବୋଲି ମତ ପ୍ରକାଶ ପାଇଥିଲା। ସର୍ବଶ୍ରୀ ଯାଜପୁର ବିଧାନସଭା କଂଗ୍ରେସ ପ୍ରାର୍ଥୀ ସନ୍ତୋଷ କୁମାର ନନ୍ଦ, ପୂର୍ବତନ ଏମ୍.ପି. ଅଞ୍ଚଳ ଦାସ କାର୍ଯ୍ୟକାରୀ ସଭାପତି ବଳଭଦ୍ର ଦାସ, ନଗର କଂଗ୍ରେସ ସଭାପତି ନାରାୟଣ ସାମନ୍ତ, ପି.ସି.ସି. ସଂପାଦକ ଭାସ୍କର ମହାନ୍ତି, ପୂର୍ବତନ ପୌରାଧ୍ୟକ୍ଷ ଆଲୋକ ବେହେରା, ଯାଜପୁର ବ୍ଲକ କଂଗ୍ରେସ ସଭାପତି ଗଦାଧର ଦାସ, ରାଜ୍ୟ ମହିଳା କଂଗ୍ରେସ କୋଷାଧ୍ୟକ୍ଷା ପ୍ରତିମା କର, ଜିଲ୍ଲା ସାଧାରଣ ସଂପାଦକ ଅକ୍ଷୟ ଶତପଥି, ସାଧାରଣ ସଂପାଦକ ହୃଷିକେଶ ପତି, ଗୋବିନ୍ଦ ଚନ୍ଦ୍ର ସାହୁ, କନକଲତା ରାଉତ, କପିଳେଶ୍ୱର ଦଳାଇ, ଅଶୋକ କୁମାର ଘୋଷ, ଅନିରୁଦ୍ଧ ରାଉତ, ରଘୁନାଥ ସାହୁ, ଜଗତ କୁମାର ନାୟକ, ସନ୍ତୋଷ କୁମାର ବେହେରା, ପରିମଳ ବିଶ୍ୱାଳ, ଅନୀଲ କୁମାର ମହାନ୍ତି, ସନ୍ତୋଷ କୁମାର ରାଉତ, ନକୁଳ ଦେବ ସାହୁ, ମିଡିଆ ସେଲ୍ ଆବାହକ ଆଦିତ୍ୟ ମହାନ୍ତି, ବରିଷ୍ଠ କଂଗ୍ରେସ ନେତା ପୂର୍ଣ୍ଣ ଚନ୍ଦ୍ର ଜେନା, ରାଜ୍ୟଯୁବ କଂଗ୍ରେସ ସଂପାଦକ ସୁଦୀପ୍ତ କୁମାର କର, ଆଇନ ସେଲ୍ ଆବାହାକ ନିତାଇ ଚାନ୍ଦ ମହାନ୍ତି, ଦଳିତ ସେଲ୍ ସଭାପତି ଦୁର୍ଯ୍ୟୋଧନ ବେହେରା, ସାଧାରଣ ସଂପାଦକ ସଂଗ୍ରାମ ସାହାଣି, ପ୍ରଶାନ୍ତ କୁମାର ସାହୁ, ବିଦ୍ୟାଧର ବାରିକ, ମାନସ ରଂଜନ ପଣ୍ଡା, ଚନ୍ଦ୍ରଶେଖର ସାହୁ, ଦଶରଥପୁର ବ୍ଲକ କଂଗ୍ରେସ ସଭାପତି ଶ୍ୟାମ ସୁନ୍ଦର କର, ବିଜୟ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆଜି ଦିନରେ କଟକ ଜିଲ୍ଲାରୁ ଅଲଗା ହୋଇ ଯାଜପୁର ଏକ ନୂତନ ଜିଲ୍ଲାର ମାନ୍ୟତା ପାଇଥିଲା ବୋଲି ପ୍ରକାଶ କରି ସମସ୍ତେ ଆନନ୍ଦ ପ୍ରକାଶ କରିଥିଲେ। ଶେଷରେ ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ବିଷ୍ଣୁ ଚରଣ ରାଉତ ଧନ୍ୟବାଦ ଦେଇଥିଲେ।

## ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ବଡହଳ ଶାଖା ତରଫରୁ ସହାୟତା

କେନ୍ଦୁଝର (ପିଏନ୍): ନେଲୁଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଉନ୍ନତି ପାଇଁ କେନ୍ଦୁଝର ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ବଡହଳ ଶାଖା ତରଫରୁ ସହାୟତାର ହାତ ବଢାଇଛନ୍ତି । ସଦର ବ୍ଲକରୁ ୬ କି.ମି. ଦୂରରେ ଅବସ୍ଥିତ ନେଲୁଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଟି ଜିଲ୍ଲାରେ ଶିକ୍ଷା, ପରିବେଶ ଓ ଶୃଙ୍ଖଳାରେ ବେଶ୍ ଖ୍ୟାତି ଅର୍ଜନ କରିଛି । ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ନନ୍ଦ ଓ ସହକର୍ମୀ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀବୃନ୍ଦଙ୍କ ଶିକ୍ଷା ପ୍ରତି ଉତ୍ସର୍ଗୀକୃତ ମନୋଭାବ ଓ କର୍ତ୍ତବ୍ୟପରାୟଣତା ତଥା ପରିଚାଳନା ପରିଷଦଙ୍କ ସୁପରିଚାଳନା ଯୋଗୁଁ ନେଲୁଙ୍ଗ ପ୍ରାଥମିକ ବିଦ୍ୟାଳୟଟି ଜିଲ୍ଲାରେ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ସୁଖ୍ୟାତି ଅର୍ଜନ କରିପାରିଛି । ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ବଡହଳ ଶାଖାର ଶାଖା ପରିଚାଳକ ହେଲିନା ସାହୁ ଏକ ନିରାଡମ୍ବର ଉତ୍ସବରେ ମୁଖ୍ୟଅତିଥି ଭାବେ ଭାଗ ନେଇ ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ସଙ୍କଳ୍ପବଦ୍ଧତା, ଶୃଙ୍ଖଳା ଓ କଠିନ ପରିଶ୍ରମ କଲେ ସେମାନେ ନିଶ୍ଚୟ ଦିନେ ସୁନାଗରିକ ଭାବେ ଦେଶ ଓ ଦଶର ମାନ ରଖିପାରିବେ ବୋଲି ବକ୍ତବ୍ୟ ରଖିଥିଲେ । ବ୍ୟାଙ୍କ୍ ଶାଖା ତରଫରୁ ସ୍କୁଲକୁ ୬ଗୋଟି ପଙ୍ଖା ମଧ୍ୟ ଦାନ କରିଥିଲେ । ଆଗାମୀକାଲି ତାଙ୍କ ବ୍ୟାଙ୍କ୍ ସଂସ୍ଥା ସାଧ୍ୟ ମତେ ସ୍କୁଲକୁ ସବୁ ପ୍ରକାର ସାହାଯ୍ୟ ଓ ସହଯୋଗ ଯୋଗାଇ ଦେବ ବୋଲି ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ । କାର୍ଯ୍ୟବ୍ୟସ୍ତତା ଭିତରେ ଶ୍ରୀମତୀ ସାହୁ ସ୍ୱଳ୍ପ ସମୟ ପାଇଁ ହେଲେ ମଧ୍ୟ ସ୍କୁଲକୁ ଆସି ସହଯୋଗ ତଥା ମୂଲ୍ୟବାନ ପରାମର୍ଶ ଦେଇଥିବାରୁ ଉପଦେଷ୍ଟା କମିଟିର ସଭାପତି ସଂଜୟ କୁମାର ପଣ୍ଡା ତାଙ୍କର ଭୂମିକାକୁ ଭୂୟସୀ ପ୍ରଶଂସା କରିଥିଲେ । ଏଥିରେ କମିଟି ସଭ୍ୟ ପ୍ରଶନ୍ନ ଦାସ, ମହେନ୍ଦ୍ର ନାଏକ, ଦିପ୍ତୀମୟୀ ମହାକୁଡ ଓ ରଜତ ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ସହକାରୀ ଶିକ୍ଷକ ଲଳିତ କୁମାର ବାରିକ ଓ ଋତୁପ୍ରିୟା ସାହୁ ସଭା ପରିଚାଳନା କରିଥିଲେ । ପରିଶେଷରେ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

## ଏନ୍.ଏସ୍. ପୁଲିସ ହାଇସ୍କୁଲରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

କେନ୍ଦୁଝର (ପିଏନ୍): ସ୍ଥାନୀୟ ନରସିଂହ ସ୍ୱାଇଁ ପୁଲିସ ହାଇସ୍କୁଲରେ ସହକାରୀ ଶିକ୍ଷକ କୃଷ୍ଣଚନ୍ଦ୍ର ରଥଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ ସଂଜୟ କୁମାର ସାମଲଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ପ୍ରଧାନଶିକ୍ଷକ ଇନ୍ଦ୍ରମଣି ମହାନ୍ତ ଅଧ୍ୟକ୍ଷତା କରିଥିଲେ। ଏହି ସଭାରେ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଅପରାଜିତା ମିଶ୍ର, ଶିକ୍ଷୟିତ୍ରୀ ପ୍ରମିଳା କୁମାର ଦେଇ, ଅବସରପ୍ରାପ୍ତ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ପଦ୍ମିନୀ ସୁର, ଶିକ୍ଷକ ବିଭୁପ୍ରସାଦ ସେନାପତି, ଭାଗିରଥି ମହାନ୍ତ, ଶିବକୁମାର ରାଠୋର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବିଦାୟୀ ଶିକ୍ଷକ ଶ୍ରୀ ରଥଙ୍କର ଶିକ୍ଷାଦାନ, ଛାତ୍ରବତ୍ସଳତା, କର୍ତ୍ତବ୍ୟନିଷ୍ଠା ଓ ଆଦର୍ଶ ନେତୃତ୍ୱ ବିଦ୍ୟାଳୟକୁ ଗୌରବାନ୍ୱିତ କରିବାରେ ସଫଳ ହୋଇଥିଲା ବୋଲି କହିଥିଲେ। ବିଦାୟୀ ଶିକ୍ଷକ ଶ୍ରୀ ରଥ ଛାତ୍ରଛାତ୍ରୀ ତଥା ସହକର୍ମୀଙ୍କ ସହଯୋଗରେ ସମଗ୍ର ଜିଲ୍ଲାରେ ସେ ପ୍ରଶଂସିତ ହୋଇଥିଲେ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ପରିଶେଷରେ ବିଦ୍ୟାଳୟ ତଥା ପୁରାତନ ଓ ବର୍ତ୍ତମାନର ଛାତ୍ରଛାତ୍ରୀମାନଙ୍କ ତରଫରୁ ମାନପତ୍ର ସହ ଉପଢୌକନ ଶ୍ରୀ ରଥଙ୍କୁ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ମହେନ୍ଦ୍ର କୁମାର ସାହୁ, ଗୁରୁଦେବ ମହାନ୍ତ, ନାରାୟଣ ସାହୁ, ପ୍ରଦୀପ୍ତ ଦେହୁରୀ, ତନ୍ମୟ ସଇ, ଶିକ୍ଷୟିତ୍ରୀ ସୁଭଦ୍ରା ମହାନ୍ତ, ମମତାମୟୀ ରାଉତ, ମମତାରାଣୀ ମହାନ୍ତ ଏବଂ ଶିକ୍ଷା କର୍ମଚାରୀ ସୁଦର୍ଶନ ସ୍ୱାଇଁ, ଯୋଗେଶ୍ୱର କବାଟ ଓ ଗଣେଶ୍ୱର ମୁଦୁଲି ସଭା ପରିଚାଳନାରେ ସହାୟତା କରିଥିଲେ।

## କେନ୍ଦ୍ରାପଡା ଭାଷା ସୁରକ୍ଷା ସମ୍ମିଳନୀ ପକ୍ଷରୁ ଉତ୍କଳ ଦିବସ ପାଳିତ



କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ଭାଷା ସୁରକ୍ଷା ସମ୍ମିଳନୀ ପକ୍ଷରୁ ସ୍ଥାନୀୟ ଗରାପୁରସ୍ଥିତ ଗୋପାଳଜୀଉ ମନ୍ଦିର ପରିସରରେ ଉତ୍କଳ ଦିବସ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ମହାକାଳପଡା ବିକାଶ ମଞ୍ଚର ସଭାପତି ତଥା ପରିବେଶବୀତ ବିଶିଷ୍ଟ ଶିକ୍ଷାଅଧିକାରୀ କାଶିନାଥ ରାଉତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଜିଲ୍ଲା ସଚେତନ ନାଗରିକ ମଞ୍ଚର ଉପଦେଷ୍ଟା ଶିକ୍ଷାବୀତ ପ୍ରଣବ କୁମାର ଜେନା ଯୋଗଦେଇ କେନ୍ଦ୍ରାପଡା ଜିଲ୍ଲାରେ ଏକ ମେଡିକାଲ କଲେଜ ଓ ହସ୍‌ପିଟାଲ ପ୍ରତିଷ୍ଠା କରାଯିବା ପାଇଁ ଏକ ସର୍ବସମ୍ମତ ପ୍ରସ୍ତାବ ଗୃହିତ କରାଯାଇ ସ୍ୱାସ୍ଥ୍ୟମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଯିବା ପାଇଁ ଦେଇଥିବା ପ୍ରସ୍ତାବକୁ ଅନୁମୋଦନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଭାଷା ସୁରକ୍ଷା ସମ୍ମିଳନୀର ରାଜ୍ୟ ସମ୍ପାଦକ ତଥା ଜିଲ୍ଲା ସଭାପତି ସୁଦର୍ଶନ ମହାପାତ୍ର, ନିର୍ମଳ ଚନ୍ଦ୍ର ମିଶ୍ର, ନରୋତ୍ତମ ଜେନା, ଅଲେଖ ମହାନ୍ତି, ଶିକ୍ଷାବିତ୍ ପାର୍ଥସାରଥୀ ବେହେରା, ବାସନ୍ତି ଦାସ, ଜଗତ ଜୀବନ ଦାଶ, ମଣିପ୍ରସାଦ ଭୂୟାଁ ପ୍ରମୁଖ ଯୋଗଦେଇ ଓଡିଶା ପ୍ରଦେଶ ଗଠନର ଇତିହାସ ସମ୍ପର୍କରେ ଆଲୋଚନା କରିଥିଲେ।

## ଉତ୍କଳ ଦିବସ ଅବସରରେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ରେଡକ୍ରସ ପୁରସ୍କାର ପ୍ରଦାନ




ଭୁବନେଶ୍ୱର (ପିଏନ୍): ପବିତ୍ର ଉତ୍କଳ ଦିବସ ଅବସରରେ ସ୍ଥାନୀୟ ଜୟଦେବ ଭବନଠାରେ ଏକ ରାଜ୍ୟସ୍ତରୀୟ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ଏହି ଉତ୍ସବରେ ଭାରତୀୟ ରେଡକ୍ରସ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖାର ଅବୈତନିକ ସଚିବ ସିଟିଏମ୍. ସୁଗୁଣାଙ୍କ ତତ୍ତ୍ୱାବଧାନରେ ସୁଶ୍ରୀ ପ୍ରଣତି ସ୍ୱାଇଁ ଓ ରାଜେନ୍ଦ୍ର କୁମାର ଜେନା - ଶାରୀରିକ ଦିବ୍ୟାଙ୍ଗ, ମାନସ କୁମାର ସାମାଲ, ସାଗରକାନ୍ତ ସେନାପତି - ବାକ୍ ଓ ଶ୍ରବଣଶକ୍ତି ରହିତ, ସନ୍ତୋଷ କୁମାର ମହାରଣା ଓ ରଘୁନାଥ ବାରିକ - ଦୃଷ୍ଟିଶକ୍ତି ବିହୀନ ଏବଂ ମିସ୍ ମିନା ରାଓ ଓ ମିସ୍ ଅନୁପମା ବେହେରା- ମାନସିକ ଅନଗ୍ରସର, ପ୍ରତ୍ୟେକ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଇଥିଲା । ଓଡିଶାର ମାନ୍ୟବର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଦେଶ ଓ ରାଜ୍ୟ ପାଇଁ ଗୌରବ ଆଣିଥିବା ଏହି ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ଏକ ମାନପତ୍ର ସହ ଟ୨୫,୦୦୦/- ଟଙ୍କାର ଚେକ୍ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ଭାରତୀୟ ରେଡକ୍ରସ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖା ଏହି ଦିବ୍ୟାଙ୍ଗ ମାନଙ୍କୁ ସେମାନଙ୍କର ଉଦ୍ୟମ ପାଇଁ ପୁରସ୍କୃତ କରି ନିଜକୁ ଗୌରବାନ୍ୱିତ ମନେ କରୁଛି । ଏତଦ୍ ବ୍ୟତୀତ ଏହି ସଭାରେ ବିଭିନ୍ନ ବର୍ଗର ଅତିଥିମାନେ ଉପସ୍ଥିତ ରହି, ଏହି ଦିବ୍ୟାଙ୍ଗମାନଙ୍କୁ ଦେଶ ଓ ରାଜ୍ୟ ପାଇଁ ସେମାନଙ୍କର ଅବଦାନକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ସମ୍ମାନିତ କାର୍ଯ୍ୟକ୍ରମକୁ ରେଡକ୍ରସର କୋଷାଧ୍ୟକ୍ଷ ମେଜର ଡ. କଳ୍ପନା ଦାସ, ଯୁବ ରେଡକ୍ରସ ଅଧିକାରୀ ଡ. ଅଜୟ କୁମାର ତ୍ରିପାଠୀ, କନିଷ୍ଠ ରେଡକ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ, ଗୌରୀମଣୀ ବିଶ୍ୱାଳ, ଚନ୍ଦନ କୁମାର ସ୍ୱାଇଁ ସହାୟତା କରିଥିଲେ।

# ଯୋଡାବାସୀଙ୍କ ଉଦ୍ଦେଶ୍ୟରେ ଆଧୁନିକ ଆମ୍ବୁଲାନ୍ସ ଉତ୍ସର୍ଗୀକୃତ



ଯୋଡା (ପିଏନ୍): ସ୍ଥାନୀୟ ଲୋକମାନଙ୍କୁ ଉନ୍ନତମାନର ଚିକିତ୍ସା ସୁବିଧା ଯୋଗାଇ ଦେବା ଲକ୍ଷ୍ୟରେ ଟାଟାଷ୍ଟିଲ ପକ୍ଷରୁ ଗୁରୁବାର ଦିନ ଟାଟାଷ୍ଟିଲ ଯୋଡ଼ା ହସ୍ପିଟାଲରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଡ଼ାବାସୀଙ୍କ ଉଦ୍ଦେଶ୍ୟରେ ଜୀବନ ରକ୍ଷା ପ୍ରଣାଳୀ ବିଶିଷ୍ଟ ଏକ ଆଧୁନିକ ଆମ୍ବୁଲାନ୍ସ ଉତ୍ସର୍ଗୀକୃତ କରାଯାଇଛି। ଏହି ଅବସରରେ କମାରଯୋଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ତ୍ରୀ ଓ ପ୍ରସୂତୀ ବିଭାଗ ବିଶେଷଜ୍ଞ ଡଃ ଶିଶିର କୁମାରୀ ପଟ୍ଟନାୟକ ଏବଂ କମାରଯୋଡ଼ା ଗୋଷ୍ଠୀ କେନ୍ଦ୍ରର ମେଡ଼ିକାଲ ଅଧିକାରୀ ଡଃ ଜଗଦୀଶ ସାହୁ, ଟାଟାଷ୍ଟିଲ ଯୋଡ଼ା ମୁଖ୍ୟ ରାଜେଶ କୁମାର, ଟାଟା ଷ୍ଟିଲ ଯୋଡ଼ା ହସ୍ପିଟାଲର କାର୍ଯ୍ୟବାହକ ମୁଖ୍ୟ ଚିକିତ୍ସାଧିକାରୀ ଡଃ ସୁଚିସ୍ମିତା ଦାସ, ଟାଟା ଷ୍ଟିଲ ଓଏମ୍‌କ୍ୟୁ ଡିଭିଜନ୍ ପ୍ରଶାସନ ବିଭାଗ ମୁଖ୍ୟ ଦୀପକ ଶ୍ରୀବାସ୍ତବଙ୍କ ଉପସ୍ଥିତିରେ ଏହି ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ କରିଥିଲେ। ଟାଟା ଷ୍ଟିଲ ଯୋଡ଼ା ହସ୍ପିଟାଲ ପକ୍ଷରୁ ପୂର୍ବରୁ ସେବା ପ୍ରଦାନ କରୁଥିବା ୨ଟି ଆମ୍ବୁଲାନ୍ସ ବ୍ୟତୀତ ଅତିରିକ୍ତ ଭାବେ ଜୀବନ ରକ୍ଷା ପ୍ରଣାଳୀ ବିଶିଷ୍ଟ ଏହି ସ୍ୱତନ୍ତ୍ର ଆମ୍ବୁଲାନ୍ସ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି। ଏହି ଜୀବନ ରକ୍ଷା ଆମ୍ବୁଲାନ୍ସରେ ସମସ୍ତ ଅତ୍ୟାବଶ୍ୟକ ଉପକରଣ ଯଥା ଭେଣ୍ଟିଲେଟର, ଡେଣ୍ଟିବ୍ରିଲେଟର, ମଲ୍ଟି-ପାରା କାର୍ଡିକ୍ ମନିଟର, ଅକ୍ସିଜେନ୍ ସିଷ୍ଟମ୍, ଅଟୋ ଲୋଡ଼ର ଷ୍ଟ୍ରେଚ୍‌ର, ସ୍ପାଇନ୍ ବୋର୍ଡ଼, ହେଡ ଇମ୍‌ମୋବିଲାଇଜର, ଜରୁରୀକାଳୀନ କିଟ୍ ବ୍ୟାଗ୍, ଏୟାର କଣ୍ଡିସନ୍‌ର, ଉଦ୍ଧାର ଯନ୍ତ୍ରପାତି, ସିରି ପମ୍ପ ଭଳି ସୁବିଧାମାନ ଉପଲବ୍ଧ ରହିଛି। ଏହି ଅବସରରେ ଟାଟା ଷ୍ଟିଲର ଅଧିକାରୀ, ହସ୍ପିଟାଲ କର୍ମଚାରୀ ଓ କର୍ମଚାରୀ ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## କେନ୍ଦ୍ରାପଡା କଲେଜରେ ଛାତ୍ରନିବାସ ଓ ଇନଡୋର ଷ୍ଟାଡିୟମ ଉଦ୍‌ଘାଟିତ




କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏକ ଅନୁସୂଚିତ ଜାତିବର୍ଗର ଛାତ୍ରୀମାନଙ୍କ ପାଇଁ ଛାତ୍ରୀନିବାସ ଓ ନୂତନ ଇନଡୋର ଷ୍ଟାଡିୟମ ଉଦ୍‌ଘାଟିତ ହୋଇଯାଇଛି । କେନ୍ଦ୍ରାପଡା ବିଧାୟକ ଶଶୀଭୂଷଣ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କଲେଜ ଛାତ୍ରୀନିବାସ ନିକଟରେ ନବନିର୍ମିତ ଅନୁସୂଚିତ ଜାତି ବର୍ଗର ଏକଶହ ଛାତ୍ରୀଙ୍କ ପାଇଁ ନୂତନ ଛାତ୍ରୀନିବାସ, କଲେଜ ଖେଳପଡିଆ ନିକଟରେ ଇନଡୋର ଷ୍ଟାଡିୟମ ଓ ରିମଡେଲିଂ ହୋଇଥିବା କଲେଜ ଅଧ୍ୟକ୍ଷଙ୍କ ସରକାରୀ ବାସଭବନକୁ ଉଦ୍‌ଘାଟନ କରିବା ସହିତ କଲେଜ ମୁଖ୍ୟ ଫାଟକ ସନ୍ନିକଟରେ କଲେଜ ଏକାଡେମିକ ବିଲଡିଂ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ୭୦ଲକ୍ଷ ଟଙ୍କା ବ୍ୟୟରେ ଇନଡୋର ଷ୍ଟାଡିୟମଟି ନିର୍ମିତ ହୋଇଥିବା ବେଳେ ବିଶ୍ୱ ବ୍ୟାଙ୍କ ଅନୁଦାନରେ ହେବାକୁ ଥିବା ୨ମହଲା ବିଶିଷ୍ଟ ୮ହଜାର ସ୍କୋୟାରଫୁଟର କଲେଜ ଏକାଡେମିକ ବିଲଡିଂର ବ୍ୟୟ ଅଟ୍ଟକଳ ୫କୋଟି ୨୩ଲକ୍ଷ ୮୩ହଜାର ରହିଥିବା ବେଳେ ୬.୫୬ପ୍ରତିଶତ କମରେ ଅର୍ଥାତ ୪କୋଟି ୮୮ଲକ୍ଷ ୮୯ହଜାର ଟଙ୍କାରେ ସଂପୃକ୍ତ ପ୍ରକଳ୍ପଟି ଟେଣ୍ଡର ଗୃହିତ ହୋଇଛି । ଗତ ଫେବୃୟାରୀମାସ ୨୨ତାରିଖରେ କାର୍ଯ୍ୟ ଆରମ୍ଭ କରାଯାଇଥିବା ବେଳେ ଆସନ୍ତା ୨୦୨୨ମସିହା ମଇମାସ ୨୧ତାରିଖରେ ସେହି ପ୍ରକଳ୍ପର କାର୍ଯ୍ୟ ସଂପୂର୍ଣ୍ଣ କରିବାକୁ ଧାର୍ଯ୍ୟ କରାଯାଇଛି । ଏହି କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ପ୍ରଫେସର ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ଅଧ୍ୟାପକ ଡଃ. ପ୍ରଭାକର ମଲ୍ଲିକ, ଡଃ.ଜ୍ଞାନୀନ୍ଦ୍ର ଦାଶ, ଡଃ. ଗୌରପ୍ରସାଦ ଷଡଙ୍ଗୀ, ରଞ୍ଜିତ କୁମାର ଦାସ, ଅଶୋକ କୁମାର ଦାସ, ଦେବକାନ୍ତ ଷଡଙ୍ଗୀ, ତୁଷାରକାନ୍ତୀ ଭୂୟାଁ, ପ୍ରମୋଦ ବେହେରା, ନିହାର ପ୍ରସାଦ ନାୟକ, ରମାନାଥ ମହାନ୍ତି, ଡଃ. ପୌର୍ଣ୍ଣମାସୀ ପଣ୍ଡା, ପୂର୍ତ୍ତ ଡିଭିଜନର ନିର୍ବାହୀ ଯନ୍ତ୍ରୀ ଇଂ ପ୍ରଦୀପ୍ତ କୁମାର ମହାନ୍ତି, ଉପନିର୍ବାହୀ ଯନ୍ତ୍ରୀ ଇଂ ବିଜୟାନନ୍ଦ ଦାଶ, ଯୁବନେତା ମହେନ୍ଦ୍ର ମିଶ୍ରଙ୍କ ସମେତ କଲେଜ ଛାତ୍ରୀନିବାସ ଓ କଲେଜର ସମସ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## କେନ୍ଦ୍ରାପଡା ବିଧାୟକଙ୍କ ଦ୍ୱାରା ପୌରାଚଂଳରେ ବିଭିନ୍ନ ପ୍ରକଳ୍ପର ମାରାଥନ୍ ଉଦ୍‌ଘାଟନ




କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ପୌରାଞ୍ଚଳରେ ବିଭିନ୍ନ ପ୍ରକଳ୍ପର ମାରାଥନ ଉଦଘାଟନୀ କାର୍ଯ୍ୟକ୍ରମ କେନ୍ଦ୍ରାପଡା ବିଧାୟକ ଶଶୀଭୂଷଣ ବେହେରାଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଅପରାହ୍ନ ପ୍ରାୟ ସାଢେ ୪ଟାରେ ବିଧାୟକ ଶ୍ରୀ ବେହେରା ଶ୍ୟାମଗୁଡିଆ ଆଦିବାସୀ ବସ୍ତିରେ ଓ ତଳବାରଙ୍ଗ ଠାରେ ପୌରସଂସ୍ଥା ପକ୍ଷରୁ ନିର୍ମାଣ କରାଯାଇଥିବା ମାଇକ୍ରୋ ଆକ୍‌ଟିଭିଟି କେନ୍ଦ୍ରର ଉଦ୍‌ଘାଟନ କରିବା ପରେ ଅଯୋଦ୍ଧାନଗର ଠାରେ ଥିବା ପୌରସଂସ୍ଥା ପରିଚାଳିତ ଦୃଷ୍ଟିବାଧିତ ବିଦ୍ୟାଳୟ ପରିସରରେ ସେନସରିଂ ପାର୍କ ଉଦଘାଟନ କରିଥିଲେ । ସନ୍ଧ୍ୟାରେ ତିନିମୁହାଣି ଛକ ନିକଟରେ ପୌରସଂସ୍ଥା ପକ୍ଷରୁ ନବନିର୍ମିତ ସେଲଫି ପଏଁଟକୁ ମଧ୍ୟ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅମ୍ରିତ ଋତୁରାଜ, କେନ୍ଦ୍ରାପଡା ପୌରନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳ, ଜିଲ୍ଲା ଓକିଲ ସଙ୍ଘ ସଭାପତି ଆଶୁତୋଷ ମହାନ୍ତି, ସମ୍ପାଦକ ସେକ ଅଜିମୁଦ୍ଦିନ, ବିଜେଡି ଯୁବନେତା ମହେନ୍ଦ୍ର ମିଶ୍ର, ହିରଣ୍ୟ ପଣ୍ଡା, ମହମ୍ମଦ ସେକ ଇନାୟତ (ଚନ୍ଦନ) ପ୍ରମୁଖ ଉପସ୍ଥିତ ଥିଲେ।




# ମର୍ଯ୍ୟାଦା ପୁରୁଷୋତମ ରାମହିଁ ଥିଲେ ଉପେନ୍ଦ୍ର ଭଞ୍ଜଙ୍କର ମାର୍ଗଦର୍ଶକ






**ଆ**ମେ ଯଦି ଘୁମୁସର ଇତିହାସକୁ ଅନୁଧ୍ୟାନ କରିବା ତେବେ ରାମଚନ୍ଦ୍ରଙ୍କ ଭଳି ଉପେନ୍ଦ୍ରଙ୍କର ଯଜ୍ଞ ପ୍ରସାଦରୁ ଜନ୍ମ ବୋଲି ଉଲ୍ଲେଖ ଅଛି। ତାଙ୍କର ମାତା ଓ ମାତାମହୀ ଥିଲେ ଅତ୍ୟନ୍ତ ଧର୍ମପରାୟଣା। ସୁପୁତ୍ର ଜନ୍ମ ନିମନ୍ତେ ପିତାମହ ଧନଞ୍ଜୟ ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କରିଥିଲେ। ଉପେନ୍ଦ୍ରଙ୍କର ଜନ୍ମ ଜାତକରେ ମନର କାରକ ଚନ୍ଦ୍ର, ଦେବଗୁରୁ ବୃହସ୍ପତି ଓ ଦୈତ୍ୟଗୁରୁ ଶୁକ୍ରଙ୍କର ସ୍ଥାନ ଥିଲା ନବମ ଘରେ। ଯାହା ସନ୍ତାନ ବିଷ୍ଣୁଭକ୍ତ ହେବାର ଏକ ସୂଚନା। ଯୋଗବାରିଧି ଆୟୁର୍ବେଦ ଖଣ୍ଡ ଅନୁଯାୟୀ ଚନ୍ଦ୍ର, ଗୁରୁ ଓ ଶୁକ୍ର ପଂଚମ କିମ୍ବା ନବମରେ ଥିଲେ ବ୍ୟକ୍ତି ବିଷ୍ଣୁଲୋକରୁ ଆସି ଜନ୍ମଗ୍ରହଣ କରିଥାଏ। ବାଲ୍ୟକାଳରୁ ଉପେନ୍ଦ୍ର ନିଜ ମାତାମହୀଙ୍କଠୁ ପୁରାଣର କାହାଣୀମାନ ଶୁଣି ଇଶ୍ୱରଙ୍କ ପ୍ରତି ତାଙ୍କର ଅତୁଟ ଭକ୍ତିଭାବ ଉଦ୍ରେକ ହୋଇଥିଲା। ମାତ୍ର ୧୪ ବର୍ଷ ବୟସରେ ସେ ଇଷ୍ଟଦେବୀ ଦୁର୍ଗାଙ୍କୁ ମାତ୍ର ଛ ମାସ ଜପକରି ମନ୍ତ୍ରସିଦ୍ଧ ହୋଇଥିଲେ ଏବଂ କବିତ୍ୱର ଶକ୍ତି ପ୍ରାପ୍ତିଲାଗି ତାଙ୍କୁ ବର ପ୍ରର୍ଥନା କରି ସଫଳ ହୋଇଥିଲେ। ଘୁମୁସରର ଇତିହାସ ଅନୁଯାୟୀ ଉପେନ୍ଦ୍ର ଭଞ୍ଜ ଥିଲେ ତନ୍ତ୍ର ସିଦ୍ଧ। ଏବଂ ସେ ଶକ୍ତି ସହିତ ପରଂବ୍ରହ୍ମ ନାରାୟଣ ତଥା ଇଷ୍ଟ ରାମଚନ୍ଦ୍ରଙ୍କର ଅନନ୍ୟ ଭକ୍ତ ଥିଲେ। ପ୍ରତ୍ୟେହ ସେ ଅଶ୍ୱାରୋହଣ କରି ଓଡ଼ଗାଁ ରଘୁନାଥ ଜୀଉଙ୍କ ଦର୍ଶନ ନିମନ୍ତେ ଯାଉଥିଲେ। ବାଟରେ ସେ ଏକ ଅଦ୍ଭୁତ ଦୃଶ୍ୟ ଦେଖିବାକୁ ପାଇଲେ ଜଣେ ସାଧକ ଶବ ସାଧନା କରୁଛି। ଦେବୀ ଭୈରବୀ ରୂପରେ ଆବିର୍ଭୂତା ହୋଇଛନ୍ତି। ଦେବୀଙ୍କ ଦର୍ଶନରେ ସାଧକ ହୋଇଛି ମୂର୍ଚ୍ଛିତ। ଏହାର ସୁଯୋଗନେଇ ଉପେନ୍ଦ୍ର ଶବ ଉପରେ ବସିପଡ଼ି ଦେବୀଙ୍କୁ ବର ପ୍ରର୍ଥନା କଲେ ଏବଂ ଭୈରବୀଙ୍କ କୃପାରୁ ସେ ହୋଇଥିଲେ କବିତ୍ୱର ଅଧିକାରୀ। ଅନୁରୂପ ଏକ କିମ୍ବଦନ୍ତୀ ଅନୁଯାୟୀ ବ୍ୟାଘ୍ରଦେବୀଙ୍କ ନିକଟରେ ଜଣେ ସାଧକ ବ୍ରାହ୍ମଣକୁ ବଳିଦେଇ ସେ କବିତ୍ୱ ଶକ୍ତି ପ୍ରାପ୍ତ ହୋଇଥିଲେ। ଏ କିମ୍ବଦନ୍ତୀର ସତ୍ୟତା ସନ୍ଧିହୀନ ମାତ୍ର ବାଲ୍ୟକାଳ ଓ କିଶୋର ଅବସ୍ଥାରେ ଉପେନ୍ଦ୍ର ଦୁର୍ଗା ଓ ବ୍ୟାଘ୍ରଦେବୀଙ୍କର ଭକ୍ତ ଥିଲେ, ଏଥିରେ କୌଣସି ଦ୍ୱିମତ ନାହିଁ।

ଭଞ୍ଜପ୍ରତିଭାର ସ୍ଫୁରଣରେ ଶକ୍ତିର ପ୍ରସନ୍ନତା ମହତ୍ୱପୂର୍ଣ୍ଣ। ମାତ୍ର ଏହାର ବିକାଶ ଓ ସିଦ୍ଧିରେ ରାମଚନ୍ଦ୍ରଙ୍କର ଆଶିର୍ବାଦ ଓ ମାର୍ଗଦର୍ଶନ କାର୍ଯ୍ୟ କରିଛି। ସ୍ୱୟଂ ନିଜେ ଉପେନ୍ଦ୍ର ନିଜର ପ୍ରତିଟି କାବ୍ୟରେ ଏହା ସ୍ୱୀକାର କରିଛନ୍ତି। ସେ ସଦାସର୍ବଦା ପ୍ରଭୂ ରାମଚନ୍ଦ୍ରଙ୍କର ମହିମା ଓ ମହତ୍ୱ ବର୍ଣ୍ଣନାରେ ଶତମୁଖ। କୈଶୋର ଅବସ୍ଥାରେ ରାମତାରକା ମନ୍ତ୍ର ସିଦ୍ଧି ଲାଗି ସେ ରାଜଗୁରୁଙ୍କ ଦ୍ୱାର ଉପବିଷ୍ଟ ହୋଇଥିଲେ। ନିଜର ଉଦ୍ଦେଶ୍ୟକୁ ସାକାର କରିବା ନିମିତ ସେ ଅନେକ ରାମପୀଠ ଭ୍ରମଣ କରିଥିଲେ ମଧ ନୟାଗଡ଼ ମାଳୀସାହି ଥିଲା ତାଙ୍କ ରାମ ସାଧନାର କେନ୍ଦ୍ର। ସେଠାରେ ଏବେବି ଏକ ରାମ ମନ୍ଦିର ଓ ଶିବ ମନ୍ଦିର ବିଦ୍ୟମାନ। ଶିବ ହେଉଛନ୍ତି ରାମତାରକ ମନ୍ତ୍ରର ପ୍ରବର୍ତକ। ଉପେନ୍ଦ୍ରଙ୍କ କାବ୍ୟରେ ରାମଙ୍କ ସହିତ ଶିବଙ୍କୁ ବହୁବାର ପ୍ରାର୍ଥନା କରାଯାଇଛି। ଘୁମୁସର ଇତିହାସ ଅନୁଯାୟୀ ଉପେନ୍ଦ୍ର ଓଡ଼ଗାଁର ରଘୁନାଥଙ୍କ ପ୍ରତିଷ୍ଠିତା। ଆଜି ମଧ୍ୟ ପୁରୀର କଣ୍ଡେଇବେଂଟ ସାହିରେ ପ୍ରତିଷ୍ଠିତ ଏକ ମଠର ନାମ ଘୁମୁସର ମଠ। ଯେଉଁଠାରେ ସୀତାରାମଙ୍କ ମୂର୍ତୀ ପୁଜା ପାଉଛନ୍ତି। ଉପେନ୍ଦ୍ର ନିଜର ଶ୍ରୀକ୍ଷେତ୍ର ଆଗମନ କାଳରେ ସୀତାରାମଙ୍କୁ ଆରଧନା କରୁଥିଲେ।

ପୈତୃକ ପରମ୍ପରାନୁସାରେ ଉପେନ୍ଦ୍ର ଥିଲେ ବୈଷ୍ଣବ। ତାଙ୍କ ସମୟକୁ କୃଷ୍ଣପ୍ରେମ ଧର୍ମ ସହିତ ଚୈତନ୍ୟଙ୍କର ଆବିର୍ଭାବ ଘଟିସାରିଥିଲା। ରାମାନୁଜ ଭକ୍ତି ଧର୍ମ ତାର ବିଚିତ୍ର ସ୍ୱରୁପଟିକୁ ନେଇ ଓଡ଼ିଶାରେ ବହୁଳ ପ୍ରସାରିତ ହୋଇଥିଲା। ଚୈତନ୍ୟଙ୍କ ପରକୀୟା ପ୍ରୀତିର ଉଦାହରଣ ଉପେନ୍ଦ୍ରଙ୍କୁ ସନ୍ତୁଷ୍ଟ କରିପାରି ନ ଥିଲା। ରତି ଓ ପ୍ରୀତିର କାବ୍ୟକାର ହୋଇ ମଧ ସାମାଜିକ ଉତ୍ସୃଙ୍ଖଳାତାକୁ ସେ ପ୍ରଶୟ ଦେଇ ନ ଥିଲେ। ସ୍ୱକୀୟା ପ୍ରୀତି ଓ ଏକ ପତ୍ନୀବ୍ରତାର କଠୋର ପରିଧି ଉପେନ୍ଦ୍ର ଲଙ୍ଘନ କରିନାହାନ୍ତି। ଉପେନ୍ଦ୍ର ଥିଲେ ଶକ୍ତି ଓ ରାମଙ୍କର ପରମ ଭକ୍ତ। ଯଦିଓ ରାମଚନ୍ଦ୍ର ତାଙ୍କର ଇଷ୍ଟ ଓ ମାର୍ଗଦର୍ଶକ ଥିଲେ ମାତ୍ର ହିନ୍ଦୁ ଧର୍ମର ଅନ୍ୟାନ୍ୟ ଦେବ ଦେବୀଙ୍କ ପ୍ରତି ତାଙ୍କର ଥିଲା ଯଥୋଚିତ ସମ୍ମାନ। ସେ ତାଙ୍କ କବିତା ବୃତିରେ ଦୁର୍ଗା, ରାମ, ବିଷ୍ଣୁ, ଶିବ, କୃଷ୍ଣ, ଜଗନ୍ନାଥ ବିବିଧ ଅବତାରମାନଙ୍କୁ ସମ୍ମାନିତ କରିଛନ୍ତି।

ରାମଚନ୍ଦ୍ରଙ୍କୁ ତାଙ୍କର କବି ପ୍ରେରଣାର ଉତ୍ସ ଭାବରେ ବର୍ଣ୍ଣନା କରି ସେ "ଲାବଣ୍ୟବତୀ" କାବ୍ୟରେ ଲେଖିଛନ୍ତି "ରାମ ତାରକ ପରସାଦେ – ମୋହର କବିପଣ ଉଦେ" ଏଥିପାଇଁ ବୋଧ ହୁଏ ସେ ପ୍ରଥମେ ୮ ଅନୁପ୍ରାସରେ "ବୈଦେହୀଶ ବିଳାଶ" କାବ୍ୟ ରଚନା କରିଥିଲେ। ଏହି କାବ୍ୟକୁ ନେଇ ଏକ ରୋଚକ କଥା ଆସିଥାଏ। ପିଲାବେଳେ ଉପେନ୍ଦ୍ର ଗୋଟିଏ କବିତା ଲେଖି ନିଜ ପିତୃଙ୍କ ଧନଞ୍ଜୟ ଭଞ୍ଜଙ୍କୁ ଦେଖାଇବା ବେଳେ ସେ ହେୟ ଜ୍ଞାନ ପୂର୍ବକ କହିଥିଲେ କି କବିତା ଲେଖିଛୁବ? ପାଠକେ 'ବ' ହେଉଛି ଗୋଟି ନିରର୍ଥକ ବୋଧକ ଅକ୍ଷର। ସେହିଦିନ ଉପେନ୍ଦ୍ର କହିଲେ ଅଜା ଯେଉଁଟାକୁ ନିରର୍ଥକ ଓ ହେୟ ମନେକଲ, ସେଇ 'ବ' ଅନୁପ୍ରାସରେ କାବ୍ୟ ରଚନା କରିବି ଓ "ବୈଦେହୀଶ ବିଳାଶ" ଆଜି କାବ୍ୟ ଜଗତର ଏକ ମହାନକାବ୍ୟ। ରାମଚନ୍ଦ୍ରଙ୍କ ଭାବନା ଓ ଭକ୍ତି ତାଙ୍କର ସମସ୍ତ କାବ୍ୟରେ ବିକ୍ଷିପ୍ତ ଭାବରେ ରହିଛି। ରାମ ଓ ବିଷ୍ଣୁଙ୍କ ମଧ୍ୟରେ ସେ କୌଣସି ତାରତମ୍ୟ ଦେଖି ନାହାନ୍ତି। ଯାହାର ନିମ୍ନୋକ୍ତି ଉଦାହରଣରୁ ସ୍ପଷ୍ଟ ଅନୁମେୟ।


***"କହେ ଉପଇନ୍ଦ୍ର ମୋ ପ୍ରଭୂ ଶ୍ରୀରାମ ବୈକୁଣ୍ଠନାଥ ସାକ୍ଷାତ। ଜାତକଲେ କ୍ଷୀରାର୍ଣ୍ଣବୁ ସୁଧା ମୋର/ଜୀରାର୍ଣ୍ଣକୁ ରସ ଗୀତ, ସେତ।"***

ଠିକ୍ ଲାବଣ୍ୟବତୀରେ ସେ ଲେଖିଛନ୍ତି "ଜୟ ଜୟ ଜୟରାମ ଜନକ ସୁଖଦ, ଭୀମ ହରଷ ଦାନରେ ସଦା ବିଶାରଦ"। ଠିକ୍ ସେପରି 'ତଟୈକ' କାବ୍ୟରେ "ହରିତାସ୍ୱର ସର୍ବଦା ଅଙ୍କହୀନ ସେହି, ରାଘବ ଶିବ ବିଧିରେ ଉପଇନ୍ଦ୍ର ଧ୍ୟାୟୀ ଯେ"। କେବଳ ରାମଚନ୍ଦ୍ର ତାଙ୍କର ଇଷ୍ଟ ଥିଲେ ତାହା ନୁହେଁ ଏଥି ସହିତ ମଧ ସେ ସୀତା, ଲକ୍ଷ୍ମଣ, ଭରତ, ଶତୃଘ୍ନ, ଓ ହନୁମାନଙ୍କୁ ମଧ ସେ ବନ୍ଦନା କରିଛନ୍ତି। ସେ ସୀତାରାମଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି ଏବଂ କସ୍ମିନ୍‌କାଳେ ତାଙ୍କର ହୃଦୟ କନ୍ଦରରୁ ଅନ୍ତର ନ ହେବା ଲାଗି ସୀତାରାମଙ୍କୁ ଆବେଦନ ଜଣାଇ "ଲାବଣ୍ୟବତୀ" କାବ୍ୟରେ ସେ ଲେଖିଛନ୍ତି – ***"କହି କବି ଭଞ୍ଜ ବୀରବର ଦିବ୍ୟରସ/ ଆହେରାମ ଅବିଘ୍ନେ ଏ ଗୀତକର ଶେଷ। ସୀତା ସହିତେ ମୋ ଚିତୁ ନୋହିବ ଅନ୍ତର/ଏହି ଅଭିଷ୍ଟକୁ କରିଅଛି ନିରନ୍ତର ହେ।"***

"ଅବନା ରସ ତରଙ୍ଗରେ" ସେ ଯୁଗ ଯୁଗ ଧରି ତାଙ୍କ ପାଦରେ ସ୍ଥାନ ଲଭିବାକୁ ଲେଖିଛନ୍ତି "ଉପଇନ୍ଦ୍ର ଭଞ୍ଜର ସହସ୍ର ଦଣ୍ଡବତ୍, ଜନମ ଜନମ କର ତବର ଭକତ"। ଉପରୋକ୍ତ ଆଲୋଚନାରୁ ଏହା ଅନୁମେୟ ହୁଏ ଯେ ରାମଚନ୍ଦ୍ର ଥିଲେ ତାଙ୍କର ଆଧ୍ୟାତ୍ମିକ ଭାବନାର କେନ୍ଦ୍ରବିନ୍ଦୁ। ଆଜି ପବିତ୍ର ରାମ ନବମୀରେ ମୋର ଇଷ୍ଟ ତଥା ଉପେନ୍ଦ୍ରଙ୍କର ଇଷ୍ଟ ତଥା ମାର୍ଗଦର୍ଶକ ପ୍ରଭୂ ରାଜୀବ ଲୋଚନ ସମାଜର ମଙ୍ଗଳ ବିଧାନ କରିବାସହ ସମସ୍ତିଙ୍କୁ ସୁଖ ସମୃଦ୍ଧି ପ୍ରଦାନ କରନ୍ତୁ। ଏହା ହିଁ କାମନା।

**ଉମାଶଙ୍କର ପ୍ରସାଦ, ସ୍ତମ୍ଭକାର ତଥା ବରିଷ୍ଠ ସାମ୍ବାଦିକ, ମେନ୍ ରୋଡ୍, ଖୋର୍ଦ୍ଧା**

## ରାଜ୍ୟ ରେଡ଼କ୍ରସ୍ ଥଇଥାନ କେନ୍ଦ୍ର ନହେଉ




ଭୁବନେଶ୍ୱର (ପିଏନ୍): ଭାରତୀୟ ରେଡ଼କ୍ରସ୍ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖା ଏବେ କିଛି ଲୋକଙ୍କର ଥଇଥାନ କେନ୍ଦ୍ର ପାଲଟି ଯାଇଛି। କିଛି ବର୍ଷ ତଳେ କଳ୍ପନା ଦାସ ଯୁବ ରେଡ଼କ୍ରସ୍ ଅଧିକାରୀ ଭାବେ ଆସିବା ପରେ ନିଜ ହାତରେ ଯୁଗ୍ମ-ସଚିବ ପଦବି ରଖିଲେ ଓ ଅବସର ପରେ କିଛି ଦିନ ସଚିବ ହେଲେ, ଏବେ ସେ କୋଷାଧକ୍ଷ ଭାବେ ଥଇଥାନ ହୋଇଛନ୍ତି। ସେହିଭଳି ଡ. ବିନାୟକ ପୃଷ୍ଟି ରେଡ଼କ୍ରସ୍ ରାଜ୍ୟ ଶାଖାକୁ ସଚିବ ଭାବେ ଡେପୁଟେସନରେ ଆସିଲେ, ଏବେ ସେ ରେଡ଼କ୍ରସ୍ ରାଜ୍ୟ ଶାଖା ଅଧିନରେ ଥିବା ରକ୍ତଭଣ୍ଡାରରେ ନିର୍ଦ୍ଦେଶକ ଅଛନ୍ତି। ସେହିଭଳି ୨୦୧୯ରେ ଦୁଇବର୍ଷ ପାଇଁ ରେଡ଼କ୍ରସ୍ ରାଜ୍ୟ ସଚିବ ପଦରେ ନିଯୁକ୍ତି ପାଇଥିବା ଅବସର ପ୍ରାପ୍ତ ଆଇ.ଏ.ଏସ୍ ଅଫିସର୍ ସୁଶ୍ରୀ ସି.ଟି.ଏମ୍. ସୁଗୁଣା କାଳେ ଚାକିରୀ ଚାଲିଯିବ ଆଗରୁ ରେଡ଼କ୍ରସ୍ ରକ୍ତ ଭଣ୍ଡାରର ଅଧକ୍ଷ ପଦରେ ନିଯୁକ୍ତି ପାଇ ସାରିଲେଣି। ରେଡ଼କ୍ରସ୍ ଭଳି ଏକ ମହାନସେବା ମୂଳକ ଅନୁଷ୍ଠାନର ରାଜ୍ୟ ସଚିବ ହେବା ପରେ ରାଜ୍ୟ ରେଡ଼କ୍ରସ୍‌ର ସେଭଳି କିଛି କାମ ନକରି ନିଜ ସ୍ୱାଭିମାନକୁ କୁଠାରଘାତ କରି ରାଜ୍ୟ ସଚିବ ଠାରୁ ଛୋଟ ଛୋଟ ପଦବୀ, ଯେମିତିକି କୋଷାଧକ୍ଷ, ରକ୍ତ ଭଣ୍ଡାରର ଅଧକ୍ଷ ଓ ନିର୍ଦ୍ଦେଶକ, ପଦବୀରେ ନିଯୁକ୍ତି ପାଇବା ପାଇଁ ବ୍ୟାକୁଳ ହେଉଛନ୍ତି ରେଡ଼କ୍ରସ୍ ରାଜ୍ୟଶାଖା ସୁରକ୍ଷା ସମିତି, ଓଡ଼ିଶାର ଆବାହକ ଦିଲ୍ଲୀପ ଦାଶଶର୍ମାଙ୍କ ସହିତ ଆଜୀବନ ସଦସ୍ୟମାନେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଏଭଳି ପରମ୍ପରା ବନ୍ଦ କରିବା ପାଇଁ ଶ୍ରୀ ଦାଶଶର୍ମା ନିବେଦନ କରିଛନ୍ତି।

## ସହିଦ ଲକ୍ଷ୍ମଣ ନାୟକଙ୍କ ବଳିଦାନ ଦିବସ ସହିତ ହୋଲି ପାଳିତ



ଭୁବନେଶ୍ୱର (ପିଏନ୍): ସ୍ୱାଧୀନତା ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର ମାଲକାନାଗିରିର ଗାନ୍ଧୀ ସହିଦ ଲକ୍ଷ୍ମଣ ନାୟକଙ୍କ ପବିତ୍ର ବଳିଦାନ ଦିବସ ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଳି ଜଣାଇଁବା ସହିତ ସମ୍ମିଳନୀର ଶାଖା କାର୍ଯ୍ୟାଳୟରେ ହୋଲି ଉତ୍ସବ ପାଳନ କରାଯାଇଛି। ଉଭୟ କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରିଥିବା ବେଳେ ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି ବିପ୍ଳବୀ ଲକ୍ଷ୍ମଣ ନାୟକଙ୍କ ବଳିଦାନ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ହୋଲି ଓ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଉପଦେଷ୍ଟା ନିମାଇଁ ଚରଣ ଦାସ, ଯୁଗ୍ମ-ସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡନାୟକ, ବାସନ୍ତୀ ତ୍ରିପାଠୀ, ମହେଶ୍ୱର ବିଶ୍ୱାଳ, ପ୍ରତାପ ନନ୍ଦ, ସମରଂଜନ ମହାନ୍ତି, ପ୍ରକାଶ ସାମଲ, ପତିତପାବନ ତ୍ରିପାଠୀ, ନଳିନୀ ମହାନ୍ତି, ପ୍ରସନ୍ନ ରଥ, ଅଜୟ କାନୁନଗୋ, ପ୍ରକାଶ ପଣ୍ଡା ଓ ପୃଥୀରାଜ ତ୍ରିପାଠୀ ଆଦି ଭାଗନେଇ ବରପୁତ୍ରଙ୍କୁ ଶ୍ରଦ୍ଧାଂଜଳି ଜଣାଇବା ସହିତ ହୋଲି ଉତ୍ସବ ପାଳନ କରିଥିଲେ।

# ମଧୁବାବୁ, କାଳିଆଘୋଡ଼ା ଓ ମେଣ୍ଢା



**ସେ**କାଳ ପଖାଳ ଏବେ ଆଉ ନାହିଁ। ସେକାଳେ ହେତୁ ହେବା ପରେ ଘରେ ଶିଖାଉଥିଲେ, ଟିକେ ଗାଇଲୁ, 'କାଳିଆ ଘୋଡ଼ାରେ ଚଢିବି, ମଧୁବାବୁ ସାଂଗେ ଲଢିବି'। କାଳିଆ ଘୋଡ଼ା ପ୍ରତି ପିଲାଙ୍କର ବେଶୀ ଆକର୍ଷଣ ଥାଏ। ତେଣୁ କଥାଟି ମନକୁ ପାଏ। ହେଲେ ପୁଣି ପ୍ରଶ୍ନ ଆସେ, କଳା ଘୋଡ଼ା କାହିଁକି, ଧଳା ଘୋଡ଼ା କାହିଁକି ନୁହଁ? ଏ ମଧୁବାବୁ ପୁଣି କିଏ? ସେଇଠୁ କିଏ କେମିତି ବୁଝାନ୍ତି, କଳା ଘୋଡ଼ା ହେଉଛି ବଳବୀର୍ଯ୍ୟ, ସାମର୍ଥ୍ୟର ପ୍ରତୀକ, ପରିଶ୍ରମର ସୂଚକ। ତେଣୁ ରେସ୍ କୋର୍ସରେ କଳାଘୋଡ଼ା ଉପରେ ବାଜି ଲଗାଯାଇଥାଏ। କଳାଘୋଡ଼ାର ନାଲ ବିଭିନ୍ନ କାର୍ଯ୍ୟରେ ଉପଯୋଗ ହୁଏ। ଅଶୁଭ ଦୃଷ୍ଟିରୁ ରକ୍ଷା ପାଇବା ପାଇଁ, ଧନ ସଂପତି ବୃଦ୍ଧି ପାଇଁ ଏହି ନାଲର ଭରି ଚାହିଦା। ପୁଣି କଳା ରଂଗ ହେଉଛି ମହାପ୍ରଭୁ ଜଗତର ନାଥ ଜଗନ୍ନାଥଙ୍କର ରଙ୍ଗ। ପୁଣି ଉତ୍କର୍ଷ କଳାର ରାଜ୍ୟ ଉତ୍କଳ ବା ଓଡ଼ିଶା। କଳିଙ୍ଗ ଶବ୍ଦଟିର ଆରଂଭ ବି ସେଇ କ ଅକ୍ଷରରୁ।

'କାଳିଆ ଘୋଡ଼ାରେ ଚଢିବି, ମଧୁବାବୁ ସାଂଗେ ଲଢିବି' କିଏ ଲେଖିଥିଲେ, ତାହା ଜଣାନାହିଁ। ହୁଏତ ଲୌକିକ ଆଧାରରେ ଏମିତି ପଦଟିଏ ଛିଣ୍ଡାଯାଇଥିବ! କେହି କେହି କୁହନ୍ତି, ମଧୁବାବୁ କାଳେ କାଳିଆ ଘୋଡ଼ାରେ ଚଢି କଚେରୀ ଯାଉଥିଲେ। ତେଣୁ ମଧୁବାବୁ କାଳିଆ ଘୋଡ଼ାରେ ଚଢିବା ଥିଲା ବୀରତ୍ୱ ଓ ସ୍ୱାଭିମାନର ପ୍ରତୀକ। ମଧୁବାବୁଙ୍କ ସାଂଗରେ ଲଢିବାର ଅର୍ଥ ହେଉଛି ବଡ଼ ହୋଇ ମଧୁବାବୁଙ୍କ ଭଳି ଭଲ ମଣିଷ/ବଡ଼ ମଣିଷ ହୁଅ। ପିଲାଦିନର ସେଇ ପ୍ରେରଣା ଏବେ ଆଉ ନାହିଁ। ସେହିପରି ପିଲାବେଳେ ଗୋଟେ ଗୀତ 'ତୁମ ପରି ଛୋଟ ପିଲାଟିଏ' ବି ଆମ ମନକୁ ଭାରି ଛୁଇଁଯାଇଥିଲା। ବାରମ୍ବାର ଆବୃତି କରିବାକୁ ଇଚ୍ଛା ହେଉଥିଲା: ତୁମ ପରି ଛୋଟ ପିଲାଟିଏ, ଗାଁ ଚାହାଳିର ଚାଟ ସିଏ, ଚେହେରାଟି ତା'ର ଡଉଲ ଡାଉଲ, ପାଠରେ ତାହାର ସରି କିଏ? ସେଇ କବିତାର ଉଚ୍ଛ୍ୱାସ ଏବେ ଆଉ ନାହିଁ। ଏବେ ଆଉ ଆମ ପିଲାଏ ଏଥିରେ ଉଦ୍‌ବୁଦ୍ଧ ହେଉନାହାନ୍ତି। କାଳିଆ ଘୋଡ଼ାରେ ଚଢିବି, ମଧୁବାବୁ ସାଂଗେ ଲଢିବି ପଦଟି ମଧ୍ୟ ପିଲେ ଆଉ ଶୁଣୁନାହାନ୍ତି। ଓଡ଼ିଆ-ମାଧ୍ୟମ ପିଲା ହୁଏତ ଶୁଣୁଥିବେ, ଜାଣୁଥିବେ, କିନ୍ତୁ ଇଂରାଜୀ-ମାଧ୍ୟମ ଛୁଆ ଏସବୁରୁ ବଂଚିତ। ପାଠରେ ନ ଥାଉ ପଛେ, ଆମ ଉଚ୍ଚଶିକ୍ଷିତ ବାପ-ମା'



ନିଜ ଇଂରାଜୀ-ମାଧ୍ୟମ ପିଲାମାନଙ୍କୁ ଏସବୁ ଶୁଣାଇବାକୁ ପସନ୍ଦ କରୁନାହାନ୍ତି, ସେଗୁଡ଼ାକ କାଳେ ପୁରୁଣାକାଳିଆ, ମଫସଲି। ଆଜିର ଇଂଲିଶ-ମାଧ୍ୟମ ଛୁଆ ଏବେ 'ବା ବା ବ୍ଲାକ୍‌ସିପ ପଢୁଛନ୍ତି'। ମାନେ ମଧୁବାବୁଙ୍କୁ ଚିହ୍ନିପାରୁନାହାନ୍ତି, ହେଲେ ମେଣ୍ଢାକୁ ଚିହ୍ନୁଛନ୍ତି। ଏହା ହିଁ ବିଡ଼ମ୍ବନା। ଆମ ପିଲେଙ୍କୁ ମଧୁବାବୁ କିଏ ବୋଲି ପଚାରିଲେ, ସେମାନେ ଓଲଟି ପଚାରୁଛନ୍ତି, ମଧୁବାବୁ କିଏ?

ସ୍ୱତଂତ୍ର ଉତ୍କଳ ପ୍ରଦେଶ ଗଠନରେ ଯେଉଁ ବ୍ୟକ୍ତିଙ୍କର ବଳିଷ୍ଠ ଅବଦାନ ଥିଲା, ତାଂକୁ ଆମ ଭବିଷ୍ୟତ ପିଢି ଜାଣୁନାହାନ୍ତି। ପାଠକବଂଧୁ, ଜାତିର ପିତା ମହାତ୍ମା ଗାନ୍ଧୀ ଏକଦା ମଧୁବାବୁଙ୍କୁ ନିଜର ଫ୍ରେଣ୍ଡ, ଫିଲୋସଫର, ଗାଇଡ୍ ବୋଲି ମାନିଥିଲେ। ମଧୁବାବୁଙ୍କର ସ୍ୱଦେଶୀ ବିଚାର ଓ ଶିଳ୍ପାୟନ ଚିନ୍ତାଧାରାରେ ଉଦ୍‌ବୁଦ୍ଧ ହୋଇଥିଲେ ଗାନ୍ଧିଜୀ। ମଧୁବାବୁଙ୍କ ଉତ୍କଳ ଟ୍ୟାନେରୀ ଭଳି ଗାନ୍ଧୀ ମଧ୍ୟ ସାବରମତୀ ଆଶ୍ରମରେ ଖୋଲିଥିଲେ ଏକ ଟ୍ୟାନେରୀ। ୧୯୨୭ ମସିହା ଜୁନ୍ ୧୯ ତାରିଖରେ 'ନବଜୀବନ'ରେ ଗାନ୍ଧିଜୀ ଲେଖିଥିଲେ, "Raw materials worth crores of rupees are produced in this country and, thanks to our ignorance, lethargy and lack of invention, exported to foreign countries; as Sri Madhusudan Das has pointed out, that we remain ignorant like animals, our hands do not get the training which they ought to and our intellects do not develop as they should. As a consequence, living art has disappeared from our land and we are content to imitate the west."

୧୯୨୮ ମାର୍ଚ୍ଚ ୧୬ ତାରିଖରେ ଗାନ୍ଧିଜୀ ମଧୁବାବୁଙ୍କ ନିକଟକୁ ପ୍ରିୟ ବଂଧୁ ବୋଲି ସମ୍ବୋଧନ କରି ଏକ ପତ୍ର ପଠାଇଥିଲେ, ଯାହାକି ଅତ୍ୟନ୍ତ ପ୍ରଣିଧାନଯୋଗ୍ୟ। ଆପଣଂକ ଗୋଚରାର୍ଥେ ଏଠାରେ ଉଲ୍ଲେଖ କରୁଛି:

Dear Friend,

After a great deal of thought and bother I have established at the Ashram a little bit of tannery without any power-driven machinery and without skilled assistance saved that of a man who has received a rough-and tumble experience of tanning in America and who is a crank like myself. Though I did not succeed in sharing your troubles and taking the load off your shoulders in connection with your own great national enterprise, your inspiration is partly responsible for the establishment of this little tannery at the Ashram. Can you please help me with a list of literature on the subject, a handbook on tanning and the like? If you think that there is nothing like this in English, will you out of your own wide and varied experience write out something that may be of use for propaganda, just a few hints? What is happening at the tannery? Who is in charge? I may add that my idea is to make the Ashram tannery a model for villages so that the villagers may be able to treat their own dead cattle and make use of the hide themselves. I have asked many people without success as to how I can skin dead cattle. Everybody knowing anything of tanning has something to say about hides after they are received from the village tanner; but nobody has yet told me if I take charge of a dead animal I can skin the carcass economically and hygienically and make use of other contents such as bones, intestine, etc., for purpose of manure.

**Yours sincerely,**
**(M.K.Gandhi)**
**March 16, 1928**

ତେଣୁ ଗାନ୍ଧିଜୀ ଯେ ବହୁଳ ଭାବେ ମଧୁବାବୁଙ୍କ ଦ୍ୱାରା ଅନୁପ୍ରାଣୀତ ହୋଇଥିଲେ, ଏଥିରେ ସନ୍ଦେହ ନାହିଁ। ସଂପ୍ରତି କରୋନା କବଳିତ ଏ ବିଶ୍ୱରେ ମଧୁବାବୁଙ୍କ ଚିନ୍ତନ ଭାରି ପ୍ରାସଂଗିକ। କୁଟୀର ଶିଳ୍ପ ମାଧ୍ୟମରେ ରୋଜଗାରର ସାଧନ ଉପଲବ୍ଧ କରାଇବା ଓ ତା'ର ଉପଯୋଗ ମଧୁବାବୁ ସଫଳ ଭାବେ କରାଇପାରିଥିଲେ। ତେଣୁ ମହାତ୍ମା ଗାନ୍ଧୀ ସେଇ ସ୍ୱଦେଶୀ ବିଚାରଧାରାକୁ ଆପଣାଇଥିଲେ। ମୌଳିକ ଶିକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ନିଜ କାମ ନିଜେ କରିବା ଏବଂ ଏଭଳି ଧନ୍ଦାମୂଳକ କାର୍ଯ୍ୟ ଶିଖିବା, ଯାହା ଭବିଷ୍ୟତରେ ଆମ ପେଟପାଟଣା କଥା ବୁଝିବ। ତେବେ ହେଲା କ'ଣ? ଆମକୁ ସ୍ୱଦେଶ ନୁହେଁ, ବିଦେଶ ବେଶୀ ବାସିଲା। ମେଡ୍ ଇନ୍ ଇଣ୍ଡିଆ ନୁହେଁ, ମେଡ୍ ଇନ୍ ଚାଇନା ବେଶୀ ଗ୍ରାସିଲା। ସେଇ ଚାଇନାର ଦାନ କୋଭିଡ୍-୧୯ରେ ଆମେ ଏବେ ପେଶିହେଇଯାଇଛୁ। ସଂପ୍ରତି ପ୍ରଧାନମଂତ୍ରୀ ନରେନ୍ଦ୍ର ମୋଦୀ ସେଇ ଗ୍ରାମ-ସ୍ୱରାଜ୍ୟ କଥା କହୁଛନ୍ତି, ଯାହା ଦିନେ ମଧୁବାବୁ ଓ ମହାତ୍ମା ଗାନ୍ଧୀ କହିଥିଲେ। ଗ୍ରାମପଂଚାୟତଗୁଡ଼ିକୁ ଆତ୍ମନିର୍ଭରଶୀଳ ହେବା ପାଇଁ ମୋଦୀ ଆହ୍ୱାନ ଦେଇଛନ୍ତି। ଚାଲନ୍ତୁ ସେଇ ଆତ୍ମନିର୍ଭରଶୀଳତା ପାଇଁ ପ୍ରୟାସୀ ହେବା। କୃଷି ଉପରେ ଗୁରୁତ୍ୱ ଦେବା। ଦାଦନ ଖଟିବାକୁ ନ ଯାଇ ନିଜ ଅଂଚଳରେ ଚାଷବାସ କରିବା। ସରକାରଙ୍କ ଠାରୁ ମାଗଣା, ମାହାଳିଆ ଖାଇବାର ପ୍ରବୃତି ପରିହାର କରି ସ୍ୱାଭିମାନୀ ହେବା। କୁଟୀର ଶିଳ୍ପ ବସାଇବା। ନିଜ ମାତୃଭୂମିକୁ ଭଲ ପାଇବା। ବହୁତ ଗୁଡ଼ାଏ ଅର୍ଥ ରୋଜଗାର ପାଇଁ ମନ ନ ବଳେଇବା। ନିଜେ ବଂଚିବା, ଅନ୍ୟକୁ ବଂଚିବାକୁ ଦେବା। ବିଡ଼ମ୍ବନାର ବିଷୟ, ଆମେ ମଧୁବାବୁଙ୍କୁ ଆମର ବ୍ରାଣ୍ଡ କରିପାରିଲେନାହିଁ। ସ୍ୱତଂତ୍ର ଉତ୍କଳ ପ୍ରଦେଶ ଗଠନର ମୁଖ୍ୟ ବିନ୍ଧାଣି ମଧୁବାବୁଙ୍କୁ ଆମେ ଯେଉଁଭଳି ଭାବେ ସମ୍ମାନ ଦେବାକଥା ଦେଇପାରିଲେନାହିଁ। ଓଡ଼ିଆ ମେଣ୍ଢା ହେଇ ରହିଗଲେ।

**ସମରେନ୍ଦ୍ର ବଳିଆରସିଂହ,** ବିଶ୍ୱାତ୍ମା, ଏମ୍-୨୩, ବିଡିଏ କଲୋନୀ, ଖୋର୍ଦ୍ଧା-୭୫୨୦୫୫, ଶୂନ୍ୟଭାଷ: ୮୨୪୯୬୭୯୦୯


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagun Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


# ଖେଳ

ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Saturday August 21, 2021 ଭୁବନେଶ୍ୱର ଶନିବାର, ଅଗଷ୍ଟ ୨୧,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com




## ରାସ୍ତା ନିର୍ମାଣରେ ଜବରଦଖଲକାରୀ ସାଜିଛନ୍ତି ବାଧକ, ପ୍ରଶାସନ ନୀରବ

ଖଣ୍ଡପଡା: ଖଣ୍ଡପଡା ବ୍ଲକ ଅଧିନ ବଡବାଣପୁର ପଂଚାୟତର ରତନପୁର ଗ୍ରାମ୍ୟ ରାସ୍ତା ନିର୍ମାଣରେ ସ୍ଥାନୀୟ ଅଂଚଳର କେତେକ ଜବରଦଖଲକାରୀ ବାଧକ ସାଜିଥିବା ଅଭିଯୋଗ ହୋଇଛି । ଖଣ୍ଡପଡା ବ୍ଲକ ପ୍ରଶାସନ ପକ୍ଷରୁ ଗ୍ରାମର ପଶ୍ଚିମ ପାର୍ଶ୍ୱ ରାସ୍ତା ସିମେଂଟ କଂକ୍ରିଟକରଣ ହୋଇଥିବା ବେଳେ ପୂର୍ବ ପାର୍ଶ୍ୱ ରାସ୍ତା ନିର୍ମାଣକୁ ନେଇ ବିବାଦର ସୁତ୍ରପାତ ହୋଇଛି । ଫଳରେ ମୁଖ୍ୟ ରାସ୍ତାଠାରୁ ପୂର୍ବପାର୍ଶ୍ୱ ଦେଇ ରତନପୁର ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ସମୟାନୁକ୍ରମେ ସଂକୁଚିତ ହେବାରେ ଲାଗିଛି । ଉକ୍ତ ରାସ୍ତାର କିଛି ଅଂଶକୁ ଜବରଦଖଲକାରୀମାନେ ଅନଧିକାର ଭାବେ ସେମାନଙ୍କ ଜମିରେ ମିଶାଇଦେଇ ଚାଷବାସ କରୁଥିବା ଅଭିଯୋଗ ହେଉଛି । ଗ୍ରାମର ପୂର୍ବ ପାର୍ଶ୍ୱ ରାସ୍ତା ନିର୍ମାଣ ନିମନ୍ତେ ଅନୁଦାନ ଅର୍ଥ ମଂଜୁର ହୋଇଛି ମାତ୍ର ଗ୍ରାମରେ ୨ ଗୋଷ୍ଠୀ ରାସ୍ତା ନିର୍ମାଣରେ ବାଧକ ସାଜିଥିବାରୁ ଅନୁଦାନ ଅର୍ଥ ବିନିଯୋଗ ନହୋଇ ପଡିରହିଥିବା ବ୍ଲକ ପ୍ରଶାସନ ସୁତ୍ରରୁ ଜଣାପଡିଛି । ପ୍ରକାଶଥାଉକି ରତନପୁର ଗ୍ରାମବାସୀ ରାସ୍ତା ନିର୍ମାଣ ଦାବିରେ ବଡବାଣପୁର ସରପଂଚଙ୍କ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ପୋଲିସ ପ୍ରଶାସନର ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ମିଳୁନଥିବା ଅଭିଯୋଗ ହେଉଛି । ଗ୍ରାମ୍ୟ ରାସ୍ତା ସମସ୍ୟା ସମାଧାନରେ ପ୍ରଶାସନର ନୀରବତାକୁ ନେଇ ଗ୍ରାମବାସୀ ପ୍ରମାଦ ଗଣୁଥିବା ଜଣାପଡିଛି । ଏପରିକି ଜରୁରୀକାଳୀନ ପରିସ୍ଥିତିରେ ଅଗ୍ନିଶମ ସେବା ଗାଡିଠାରୁ ଆରମ୍ଭ କରି ୧୦୮, ୧୦୨ ଆମ୍ବୁଲାନ୍ସ ସେବାରୁ ରତନପୁର ଗ୍ରାମବାସୀ ବଂଚିତ ହୋଇ ସଦାସର୍ବଦା ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି । ତେବେ ବଡବାଣପୁର ସରପଂଚ ପ୍ରଦୀପ କୁମାର କରଙ୍କୁ ପଚାରିବାରେ ସମସ୍ୟା ସଂପର୍କରେ ସେ ଅବଗତ ଥିବା ବେଳେ ବ୍ଲକ ଓ ତହସିଲ ପ୍ରଶାସନିକ ଅଧିକାରୀମାନଙ୍କ ସହ ଉକ୍ତ ରାସ୍ତା ସଂପର୍କରେ ଆଲୋଚନା କରିଥିବା ପ୍ରକାଶ କରିଛନ୍ତି । ତେବେ ଶାନ୍ତି କମିଟି ମାଧ୍ୟମରେ ରାସ୍ତା ବିବାଦର ସମାଧାନ କରି ଯୁଦ୍ଧକାଳୀନ ଭିତିରେ ଉକ୍ତ ରାସ୍ତା ନିର୍ମାଣ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି । ନଚେତ ଆଗାମୀ ଦିନରେ ରତନପୁର ବାସିନ୍ଦା ରାଜରାସ୍ତାକୁ ଓହ୍ଲାଇବେ ବୋଲି ପ୍ରଶାସନକୁ ଚେତାବନୀ ଦେଇଛନ୍ତି । ନୟାଗଡ ଜିଲ୍ଲାପାଳ ଓ ଖଣ୍ଡପଡା ବିଧାୟକ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।



## ରାଜୀବ ଗାନ୍ଧୀ ଷ୍ଟୁଡେଣ୍ଟସ ଫୋରମ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ପାଳିତ

କେନ୍ଦ୍ରାପଡ଼ା : କେନ୍ଦ୍ରାପଡା ଜିଲ୍ଲା ରାଜୀବ ଗାନ୍ଧୀ ଷ୍ଟୁଡେଣ୍ଟସ ଫୋରମ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୭୭ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଫୋରମ ପକ୍ଷରୁ ଜିଲ୍ଲା ସଭାପତି ଉମେଶ ପାଢୀଙ୍କ ନେତୃତ୍ୱରେ କେନ୍ଦ୍ରାପଡା ସହର ଉପକଣ୍ଠ ଦୁହୁରିଆ କୁଷ୍ଠକଲୋନୀର ଅନ୍ତେବାସୀମାନଙ୍କୁ ଶୁଖିଲା ଖାଦ୍ୟ ସହିତ କରୋନା ସହାୟତା ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଂଗ୍ରେସ ପଛୁଆବର୍ଗ ସେଲର ରାଜ୍ୟ ଉପାଧ୍ୟକ୍ଷ ଫକିର ଚରଣ ଖଟୁଆ, ଆଇ.ଏନ.ଟି.ୟୁ.ସି.ର ରାଜ୍ୟ ଉପସଭାପତି ସନ୍ତୋଷ କୁମାର ବେହେରା, ରାଜୀବ ଗାନ୍ଧୀ ଷ୍ଟୁଡେଣ୍ଟସ ଫୋରମର ରାଜ୍ୟ ସାଧାରଣ ସମ୍ପାଦକ ରଶ୍ମିରଞ୍ଜନ ଚୌଧୁରୀ ପ୍ରମୁଖ ଯୋଗଦେଇ କୁଷ୍ଠ କଲୋନୀର ଅନ୍ତେବାସୀମାନଙ୍କୁ ଶୁଖିଲା ଖାଦ୍ୟ ଓ କରୋନା ସହାୟତା ବଣ୍ଟନ କରିଥିଲେ । ଏଥିସହିତ ଚିକିତ୍ସାଧିନ ଅବସ୍ଥାରେ କରୋନାରେ ମୃତ୍ୟୁ ବରଣ କରିଥିବା ଯୁବ କଂଗ୍ରେସର ସଂଗଠକ ସଂଗ୍ରାମ ଜେନାଙ୍କ ଆତ୍ମାରସଦଗତି ପାଇଁ ୨ମିନିଟ ନୀରବ ପ୍ରାର୍ଥନା ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଫୋରମର ସଦସ୍ୟମାନେ ଯୋଗଦେଇଥିଲେ ।

## ରେନୋ ଇଣ୍ଡିଆ ପକ୍ଷରୁ କାଇଗରକୁ ଟୋକିୟୋ ଅଲମ୍ପିକ୍ସ ୨୦୨୦ର ରୌପ୍ୟ ପଦକ ବିଜେତା ସାଇଖୋମ୍ ମିରାବାଇ ଚାନୁଙ୍କୁ ପ୍ରଦାନ




କଟକ: ରେନୋ, ଯାହାକି ଭାରତରେ ୧୦ମ ବର୍ଷରେ ପଦାର୍ପଣ କରିଛି, ଆଜି ରେନୋ କାଇଗରକୁ ପ୍ରଖ୍ୟାତ ୱେଟଲିଫ୍ଟର ଓ ଟୋକିୟୋ ଅଲମ୍ପିକ୍ସ ୨୦୨୦ର ରୌପ୍ୟ ପଦକ ବିଜେତା ସାଇଖୋମ୍ ମିରାବାଇ ଚାନୁଙ୍କୁ ଭାରତ ପାଇଁ ତାଙ୍କର ଚମତ୍କାର ପ୍ରଦର୍ଶନ ସ୍ୱରୂପ ଉପହାର ଭାବେ ପ୍ରଦାନ କରିଛି । ତାଙ୍କର ଚମତ୍କାର ପ୍ରଦର୍ଶନ ଓ ବିଜୟ ସମସ୍ତ ଭାରତୀୟଙ୍କୁ ଗୌରବାନ୍ୱିତ କରିଛି । ପୂର୍ବ ଇଲର ଏକ ସାଧାରଣ ଗ୍ରାମରୁ ଆସିଥିବା ମିରାବାଇ କେବଳ ଦେଶର ଉତ୍ସାହକୁ ବୃଦ୍ଧି କରି ନାହାଁନ୍ତି ବରଂ ତାଙ୍କର ସମର୍ପଣ ଓ ପ୍ରତିଶ୍ରୁତିବଦ୍ଧତା ଦ୍ୱାରା ଅନ୍ୟ ଖେଳାଳୀମାନଙ୍କ ପାଇଁ ଜଣେ ପ୍ରେରଣାର ଉତ୍ସ ହୋଇ ପାରିଛନ୍ତି । ତାଙ୍କର ଏହି ଯାତ୍ରା ଅନ୍ୟ ସମସ୍ତ ଖେଳାଳୀମାନଙ୍କ ପାଇଁ ଏକ ଉଦାହରଣ । ରେନୋ ତାଙ୍କର ଏହି ଯାତ୍ରାକୁ ଆକର୍ଷଣୀୟ, ସ୍ମାର୍ଟ ଓ ସ୍ପୋର୍ଟି କାଇଗର ସହିତ ପାଳନ କରୁଛି । ଶ୍ରୀ ସୁଧୀର ମଲହୋତ୍ରା, ଭାଇସ ପ୍ରେସିଡେଂଟ- ସେଲ୍ସ ଓ ମାର୍କେଟିଂ, ରେନୋ ଇଣ୍ଡିଆ ବ୍ରାଣ୍ଡ ନୂଆ ରେନୋ କାଇଗର ର ଚାବିକୁ ଟୋକିୟୋ ଅଲମ୍ପିକ୍ସ ୨୦୨୦ର ରୌପ୍ୟ ପଦକ ବିଜେତା ସାଇଖୋମ୍ ମିରାବାଇ ଚାନୁଙ୍କୁ ପ୍ରଦାନ କରିଛନ୍ତି । ରେନୋ କାଇଗର ହେଉଛି ବ୍ରାଣ୍ଡ ନୂଆ ଚାରି ମିଟରରୁ କମ୍ କମ୍ପାକ୍ଟ ଏସୟୁଭି ଯାହାକୁ ଭାରତ ପାଇଁ ଡିଜାଇନ୍ ଓ ବିକଶିତ କରାଯାଇଛି । ଏଥିରେ ଅନେକ ସ୍ମାର୍ଟ ବୈଶିଷ୍ଟ୍ୟ ରହିଛି ଓ ଏହା ସହିତ ରହିଛି ସ୍ପୋର୍ଟି, ବିଶ୍ୱଶ୍ରେଣୀୟ ଟର୍ବୋଚାର୍ଜଡ୍ ୧.୦ ଲି. ପେଟ୍ରୋଲ୍ ଇଂଜିନ । ଉଚ୍ଚ କାର୍ଯ୍ୟଦକ୍ଷତା ସମ୍ପନ୍ନ, ଆଧୁନିକ ଓ ଦକ୍ଷ ଇନ୍ ସ୍ପୋର୍ଟି ଡ୍ରାଇଭକୁ ସୁନିଶ୍ଚିତ କରେ ଓ ଏଥିରେ ରହିଛି ମଲ୍ଟି ସେନ୍ସ ଡ୍ରାଇଭ୍ ମୋଡ୍ ଯାହାକି ଗ୍ରାହକଙ୍କର ଡ୍ରାଇଭିଂ ପସନ୍ଦ ଅନୁରୂପ ଅଟେ । ରେନୋ ଇଣ୍ଡିଆ ଭାରତରେ ଏହାର ଗୌରବର ବର୍ଷକୁ ପାଳନ କରୁଛି । ଏହା ସହିତ ଅନେକ ସ୍ୱତନ୍ତ୍ର ଓ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପର ଆରମ୍ଭ କରିଛି ଯଦ୍ୱାରା ଗ୍ରାହକମାନେ ରେନୋ ବ୍ରାଣ୍ଡର ଉତ୍କୃଷ୍ଟ ଅନୁଭବ ଲାଭ କରିପାରିବେ । ବର୍ତ୍ତମାନ ରେନୋ ଇଣ୍ଡିଆ ସାରା ଭାରତରେ ୫୦୦ଟି ସେଲ୍ସ ଓ ସର୍ଭିସ୍ କେନ୍ଦ୍ର ଓ ୨୦୦+ ଟି ୱର୍କସପ୍ ଅନ୍ ହୁଇଲ୍ସ ଜରିଆରେ ଉପସ୍ଥିତ ରହିଛି ଯେଉଁଠାରେ ଉନ୍ନତ ମାନର ସେଲ୍ସ ଓ ସର୍ଭିସ୍ ପ୍ରଦାନ କରାଯାଉଛି ।

## ୫୦ ପରିବାର ପାଇଁ ଗୋଟିଏ ନଳକୂପ ; ବସ୍ତିବାସିନ୍ଦାଙ୍କ ଦୟନୀୟ ଅବସ୍ଥା

ବାଲେଶ୍ୱର :ପ୍ରତି ପଞ୍ଚାୟତରେ ସରକାରଙ୍କ ତରଫରୁ ବସୁଧା ଯୋଜନାରେ ପ୍ରକଳ୍ପ ନିର୍ମାଣ କରି ଶୁଦ୍ଧ ପାନୀୟ ଜଳ ଯୋଗାଇଦିଆଯାଉଛି । ଏପରି ସ୍ଥଳରେ ରେମୁଣା ବ୍ଲକ କୂଳିଗାଁ ପଞ୍ଚାୟତ ୪ନମ୍ବର ୱାର୍ଡ଼ କଣ୍ଟାବଣିଆ ସାହିରେ ଏହାର ବ୍ୟତିକ୍ରମ ଦେଖାଦେଇଛି । ପଞ୍ଚାୟତରେ ଦୀର୍ଘଦିନ ପୂର୍ବରୁ ପାଇପ ପାଣି ଯୋଗାଇ ଦିଆଯାଇଥିଲେ ମଧ୍ୟ ଏହି ସାହିକୁ ଶୁଦ୍ଧ ପାନୀୟ ଜଳ ଜଗାଇ ଦିଆ ଯାଇନାହିଁ । ସମ୍ପୃକ୍ତ ସାହି ମଧ୍ୟରେ ଥିବା ଗୋଟିଏ ସରକାରୀ ନଳକୂପ ଉପରେ ୫୦ପରିବାର ନିର୍ଭର କରୁଛନ୍ତି । ଗ୍ରୀଷ୍ମ ଦିନେ ଏଠାରେ ପାଣି ସମସ୍ୟା ସମ୍ପର୍କରେ ନକହିବା ଭଲ । ଏହି ନଳକୂପରୁ ନାଲି ଓ ବାଲି ମିଶା ପାଣି ବାହାରେ ଏମିତିକି ବହୁ ସମୟରେ ଦୁର୍ଗନ୍ଧ ମଇଳା ପାଣି ବାହାରେ ଯାହାକୁ ପିଇ ଲୋକେ ରୋଗାକ୍ରାନ୍ତ ହୋଇଥାନ୍ତି । ବିଭାଗୀୟ ଅଧିକାରୀଙ୍କଠାରୁ ଆରମ୍ଭ କରି ପଞ୍ଚାୟତସ୍ତରରେ ବାରମ୍ବାର ଗୁହାରୀ କରୁଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରିନାହିଁ । ସବୁଠାରୁ ପରିତାପର ବିଷୟ ଗ୍ରାମର ୧୦୦ ମିଟର ଦୂରରେ ପ୍ରକଳ୍ପ ଥାଇ ମଧ୍ୟ ଏହି ଦଳିତ ସାହିକୁ ପାଇପ ପାଣି ଦିଆଯାଉନି । ତୁରନ୍ତ ଏହି ସାହିରେ ପାନୀୟ ଜଳ ସମସ୍ୟା ଦୂର କରିବା ଲାଗି ସ୍ଥାନୀୟ ବାସିନ୍ଦା ପ୍ରଶାସନ ନିକଟରେ ନିବେଦନ କରିଛନ୍ତି ।

## ବଡଚଣାରେ ଉଦ୍ୟାନ କୃଷି ଦିଗହରା



ଚଣ୍ଡିଖୋଲ : ଉଦ୍ୟାନ କୃଷିର ବିକାଶ ପାଇଁ ପ୍ରତି ବ୍ଲକରେ ଉଦ୍ୟାନ ବିଭାଗ ରହିଅଛି । କୃଷକ ମାନଙ୍କୁ ସରକାରଙ୍କ ପକ୍ଷରୁ ଉଦ୍ୟାନ କୃଷିର ବିକାଶ ପାଇଁ ଓ ଏଦିଗରେ ଚାଷୀମାନଙ୍କୁ ପ୍ରଶିକ୍ଷଣ ଦେବାପାଇଁ ଏହିବିଭାଗ କାର୍ଯ୍ୟକରୁଅଛି ମାତ୍ର ବଡଚଣାରେ ଏହି ବିଭାଗ ର କାର୍ଯ୍ୟକଳାପ ଦେଖିଲେ ଏହା ଦିଗହରା ଭଳି ସାଧାରଣରେ ଆଲୋଚନା ହେଉଅଛି ।ଏହି ବିଭାଗ ପକ୍ଷରୁ ଦର୍ପଣ ପଂଚାୟତ ର ବାରୁଣାବନ୍ତ ପର୍ବତ ର ପାଦ ଦେଶରେ ମହାବିନାୟକ ଫଳ ବଗିଚା ରହିଅଛି । ପାଖାପାଖି ୧୦୦ ଏକର ସରକାରୀ ଜମିରେ ଏହି ଫଳ ବଗିଚା ଟି ରହିଅଛି । ଏଠାରେ ମଧ୍ୟ ସହକାରୀ ଉଦ୍ୟାନ ଅଧିକାରୀ ଙ୍କ କାର୍ଯ୍ୟାଳୟ ରହିଅଛି.ପ୍ରତିବର୍ଷ ବର୍ଷା ଦିନ ଆରମ୍ଭରେ ବିଭଗ ପକ୍ଷରୁ କୃଷକମାନଙ୍କୁ ଅଳ୍ପ ମୂଲ୍ୟରେ ଆମ୍ବ ,ସଜନା ,ପିଜୁଳି,ନଡ଼ିଆ ଚାରା ଦିଆଯାଇଥାଏ ମାତ୍ର ଚଳିତ ବର୍ଷ କେଉଁ ଦିନ ଏହି ଚାରା ବଣ୍ଟନ କରାଯାଇ ସରିଗଲା ତାହା ସ୍ଥାନୀୟ ଚାଷୀମାନେ ଜାଣିପାରିଲେ ନାହିଁ । କାର୍ଯ୍ୟାଳୟ ଭିତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ସ୍ୱରୋଜଗାର ଯୋଜନା ରେ ୨୦୨୦-୨୧ ଆର୍ଥିକ ବର୍ଷରେ ଏକ ପ୍ରକଳ୍ପ କାର୍ଯ୍ୟ ହେଉଥିବା ବେଳେ ଫଳକରେ ପ୍ରକଳ୍ପର ଅଟକଳ ମୂଲ୍ୟ ,କାର୍ଯ୍ୟ ଆରମ୍ଭ ଓ ଶେଷ ଦିନ ର ତାରିଖ ,କେତେ ଜଣ କୁଶଳୀ ଶ୍ରମିକ କାମ କରୁଛନ୍ତି ତାର ବିବରଣୀ ନଥିବା ର ଦେଖାଯାଇଛି । ଫଳରେ କାର୍ଯ୍ୟ ର ସ୍ୱଚ୍ଛତା ଉପରେ ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି । ଉଦ୍ୟାନ କୃଷି ସମ୍ପର୍କରେ ନିକଟସ୍ଥ ଚାଷୀମାନେ କାର୍ଯ୍ୟାଳୟକୁ ଆସିଲେ ଉଦ୍ୟାନଅଧୀଆକରି ଆସିନାହାନ୍ତି କହି ସେମାନଙ୍କୁ ଫେରାଇଦିଆଯାଏ ବୋଲି ଅଭିଯୋଗ ହେଉଅଛି । ଏସଂପର୍କରେ ସହକାରୀ ଉଦ୍ୟାନ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ଯୋଗାଯୋଗ ହେଇପାରିନଥିଲା ।

## ଅନାବନା ଗଛଲତାରେ ଲୁଚିଗଲାଣି ଷ୍ଟାଣ୍ଡପୋଷ୍ଟ



ଖଣ୍ଡପଡ଼ା :ଖଣ୍ଡପଡ଼ା ବ୍ଲକ୍ ଅଧିନ ୨୨ଟି ପଚଂାୟତର ପ୍ରତ୍ୟେକ ଗ୍ରାମରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଛତୁ ଫୁଟିଲାପରି ଷ୍ଟାଣ୍ଡପୋଷ୍ଟ ନିର୍ମାଣ କରାଯାଇଥିଲା । ଷ୍ଟାଣ୍ଡପୋଷ୍ଟ ଗୁଡ଼ିକରେ ଏକଦା ପାନୀୟଜଳ ଉପଲବ୍ଧ ହେଉଥିଲା । ମାଟିତଳେ ପାଇପ୍ ଲାଇନ୍ ବିଛାଯିବା ସହ ଷ୍ଟାଣ୍ଡପୋଷ୍ଟ ଗୁଡ଼ିକର ନିର୍ମାଣ ବାବଦରେ ସେହି ସମୟରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ହୋଇଥିଲା । ମାତ୍ର ସମୟାନୁକ୍ରମେ ରକ୍ଷଣାବେକ୍ଷଣ ଅଭାବରୁ ଷ୍ଟାଣ୍ଡପୋଷ୍ଟ ଗୁଡ଼ିକ ବିଭିନ୍ନ ସ୍ଥାନରେ ଭାଙ୍ଗିରୁଜି ଯାଇଥିବା ବେଳେ କେତେକ ଇଲାକାରେ ଅନାବନା ଗଛଲତା ମଧ୍ୟରେ ଷ୍ଟାଣ୍ଡପୋଷ୍ଟ ଗୁଡ଼ିକ ଲୁଚିଗଲାଣି । ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ନତୁବା ପଚଂାୟତ କର୍ତ୍ତୃପକ୍ଷ କେହି ହେଲେ ଧ୍ୟାନ ଦେଉନଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଖଣ୍ଡପଡ଼ା ଗ୍ରାମ୍ୟ ଜଳଯୋଗାଣ, ପରିମଳ ବିଭାଗ କର୍ତ୍ତୃପକ୍ଷ ଓ ବ୍ଲକ୍ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ୭୫ ତମ ସ୍ୱାଧୀନତା ଦିବସ ଉପଲକ୍ଷେ 'ବୁଗିନ ହ' ର ଆଦିବାସୀ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା 'ଆଜାଦି କା ଅମ୍ରିତ ମହୋତ୍ସବ' ପାଳନ







ଭୁବନେଶ୍ୱର : ଭାରତୀୟ ସ୍ୱାଧୀନତାର ୭୫ ତମ ବାର୍ଷିକୀ ପାଳନ ଅବସରରେ ଚନ୍ଦକା-ଡମପଡା ହାତୀ ଅଭୟାରଣ୍ୟ ନିକଟସ୍ଥ ଗୋଡ଼ିବରୀ ଠାରେ ଅବସ୍ଥିତ ଆଦିବାସୀ ଶିକ୍ଷା କେନ୍ଦ୍ର 'ବୁଗିନ ହ' ରେ କରୋନା ନିୟମ କୁ ପାଳନ କରି 'ଆଜାଦି କା ଅମ୍ରିତ ମହୋତ୍ସବ'ଏକ ଅଭିନବ ଢଙ୍ଗ ରେ ପାଳନ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ 'ବୁଗିନ ହ'ଶିଳ୍ପ ଜଗତ ର କୁଶଳୀ ନିର୍ଦ୍ଦେଶକ ତଥା ବେଦାଂର ରେସିଡେଂଟ ଡାଇରେକ୍ଟର, ଡକ୍ଟର ତପନ କୁମାର ଚାନ୍ଦଙ୍କୁ ମୁଖ୍ୟ ଅତିଥି ଭାବେ ନିମନ୍ତ୍ରିତ କରିଥିଲେ । ଶ୍ରୀମତୀ ପ୍ରୀତି ରୟ, ବିଶିଷ୍ଟ ଶିକ୍ଷାବିତ୍, ଶ୍ରୀ ଅମୀୟ ପଟ୍ଟନାୟକ, ନିର୍ଦ୍ଦେଶକ, ବ୍ଲୁଡୋମ୍ ଇଂଟେଲିଜେନ୍ସ, ଶ୍ରୀ ତ୍ରିନାଥ ଲେଙ୍କା, ସି.ଏମ.ଡି., ୱାଲେଟ୍ ୪ ୱେଲଥ୍, ଶ୍ରୀ ଜେ.କେ. ମହାଁ, ସହ-ପ୍ରତିଷ୍ଠାତା, ସ୍ପାର୍କସ୍ପଟ୍ ଏବଂ ଡ଼କ୍ଟର ଦିବ୍ୟା ରଂଜନ ବେହେରା, ହୃଦରୋଗ ବିଶେଷଜ୍ଞ, ସମ ଅଲ୍ଟିମେଟ୍ ତଥା ଅନ୍ୟାନ୍ୟ ରୋଗ ବିଶେଷଜ୍ଞମାନେ ଭାଗ ନେଇଥିଲେ ।ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତୋଳନ ସହ 'ବୁଗିନ୍ ହ' ଶିକ୍ଷା କେନ୍ଦ୍ରର ଯୁବ ଛାତ୍ର ଓ ଛାତ୍ରୀ ମାନେ ଦେଶଭକ୍ତି ଗୀତ ଏବଂ ସନ୍ଥାଲିଗୀତ ଗୁଡ଼ିକର ସ୍ୱରରେ ଚମତ୍କାର ନୃତ୍ୟ ଉପସ୍ଥାପନା କରିଥିଲେ । ଆଜାଦି କା ଅମ୍ରିତ ପିଠା ତଥା ଜୈବିକ ପନିପରିବା ବଂଟନ କରାଯାଇଥିଲା । ଏହି ଅବସର ରେ ଛାତ୍ର ଛାତ୍ରୀ ମାନଙ୍କୁ ଶିକ୍ଷା ସହାୟକ ସାମଗ୍ରୀ ଏବଂ ପୁଷ୍ଟିକର ଖାଦ୍ୟ ପ୍ୟାକେଟ୍ ମଧ୍ୟ ଉପହାର ସ୍ୱରୂପ ବଂଟନ କରାଯାଇଥିଲା । 'ବୁଗିନ୍ ହ' ଏବଂ ଏହାର ଆଖପାଖଅଂଚଳ ରେ ଅତିଥିମାନଙ୍କ ଦ୍ୱାରା ବିଭିନ୍ନ ଚାରା ରୋପଣ କରାଯାଇଥିଲା । ବୁଗିନ୍ ହ ମୁଖ୍ୟ ପରାମର୍ଶଦାତା ସବିତା ପଟ୍ଟନାୟକ, ଏହି କାର୍ଯ୍ୟକ୍ରମ କୁ ସୁଚାରୁରୂପେ ପରିଚାଳନା କରିଥିଲେ ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V



TUITION CLASSES for Std I to Std V
Timing: 5 PM to 6.30 PM

FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray